୨୬
ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.26 . No.188 Bhubaneswar Sunday September 01 2024 | ୨୬ତମ ବର୍ଷ ସଂଖ୍ୟା-୧୮୮ ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୦୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଗୁପ୍ତ ରତ୍ନଭଣ୍ଡାର ଥାଇପାରେ: ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର,୩୧।୮(ପି.ଏନ): ଗୁପ୍ତ ରତ୍ନଭଣ୍ଡାର ଥାଇପାରେ। ସେଥିପାଇଁ ଜିପିଆର ସର୍ଭେ କରାଯିବ। ଓଡିଶା ରିପୋର୍ଟରକୁ ଦେଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଏହି କଥା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଏଏସଆଇ ତାର ପ୍ରାଥମିକ ଅନୁସନ୍ଧାନ ସାରିଦେଲାଣି। ବର୍ତ୍ତମାନ ଯୋଡିଏ କାମ। ନନପେନିଟ୍ରେଟିଙ୍ଗ ସର୍ଭେ ଗୋଟେ କରିବା ପାଇଁ ଯୋଜନା ଅଛି। ସମସ୍ତଙ୍କ ମନରେ ଗୋଟେ ଶଙ୍କା ଅଛି, ସମ୍ମାନୀୟ ଗଜପତି ମହରାଜ ବି କହିଛନ୍ତି ଆମେ ଟିକେ ଦେଖିବା କାଳେ ବିଭିନ୍ନ ସମୟରେ ଯେଉଁ ବର୍ଗୀୟ ମୋଗଲ ଆକ୍ରମଣ ହେଉଥିଲା ସେ ସମୟର କିଛି ଜନିଷ କିଛି ଅଳଙ୍କାର ଚଟାଣ ତଳେ ଥାଇପାରେ। ଆମେ ଟିକେ ଷ୍ଟଡି କରିବା ଆବଶ୍ୟକତା ରହିଛି । କିଛି ପରକଳ୍ପନା ଆସୁଛି ସେଠାରେ ଷ୍ଟୁଡଙ୍ଗ ଥାଇପାରେ। ଏ ସବୁ ଥାଇପାରେ,



ନଥାଇପାରେ- ସେ ଦୃଷ୍ଟିରୁ ଜିପିଆର ସର୍ଭେ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଏସଆଇ ତାର ଦାୟିତ୍ୱ ନେଇଛି। ଗୁପ୍ତ ରତ୍ନଭଣ୍ଡାର ଥାଇପାରେ- ଏ ଯାଏଁ ତାର ସ୍ୱଷ୍ଟତା ଆସିନି। ସେ ଦୃଷ୍ଟିକୋଣରୁ ଜିପିଆର ସର୍ଭେ ଓ ଟେକ୍ନିକାଲି କାମ ହେବ। କୌଣସି ଇନଷ୍ଟ୍ରୁମେଣ୍ଟ ମାଟି ଭିତିରକୁ ଭର୍ତ୍ତି ନକରି ସରଫେସ ସର୍ଭେ ଯେମିତି ଅୟଲ ମାଇନ ସର୍ଭେ ହୁଏ, ସେମିତି ସର୍ଭେ ହେବ। ଏଏସଆଇ ଆଇଆଇଟି ସହ ସହବନ୍ଧିତ ହୋଇ ଏଭଳି ସର୍ଭେ କରିବାର ଯୋଜନା ଚାଲିଛି। ରତ୍ନଭଣ୍ଡାର ମରାମତି ଆରମ୍ଭ ପୂର୍ବରୁ ଏ କାମ କରିବା ପାଇଁ ଡିଜି ଇଫଓକୁ ଯୋଗାଯୋଗ କରାଯାଇଛି।

## ବାର୍ଡ ଫ୍ଲୁ ପ୍ରତିରୋଧ କରିବାକୁ ଜିଲ୍ଲା ପ୍ରଶାସନ ସତର୍କ

କେନ୍ଦ୍ରାପଡ଼ା, ୩୧।୮: ବାର୍ଡ ଫ୍ଲୁ ପ୍ରତିରୋଧ କରିବାକୁ ଜିଲ୍ଲା ପ୍ରଶାସନର ସତର୍କତା ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇ ଯାଇଛି। ସୂଚନା ଯୋଗ୍ୟଯେ ବାର୍ଡ ଫ୍ଲୁ ଏକ ମାରାତ୍ମକ ଆଭିଆନ୍ ଇନଫ୍ଲୁଏଞ୍ଜା ଟାଇପ୍ ଏ (ଏଚ୍-୫ ଏନ୧) ଭୁତାଣୁ ଜନିତ ରୋଗ। କୁକୁଡା, ବତକ, ଟର୍କି, ଗିନି ଫାଉଲ ଓ ପାଣି କୁଆ ଆଦି ପକ୍ଷୀମାନେ ସାଧାରଣତଃ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ବିଦେଶାଗତ ପକ୍ଷୀମାନଙ୍କ ଠାରୁ କୁଆ, ବଗ ପ୍ରଭୃତି ବନ୍ୟ ପକ୍ଷୀମାନଙ୍କ ମାଧ୍ୟମରେ ଗୃହପାଳିତ ପକ୍ଷୀମାନଙ୍କୁ ଏହି ଭୁତାଣୁ ସଂକ୍ରମଣ ହୋଇଥାଏ। କୁକୁଡ଼ାମାନଙ୍କ ଦ୍ୱାରା ମନୁଷ୍ୟ ସଂକ୍ରମିତ ହୋଇଥାନ୍ତି। ଏହି ରୋଗ ପ୍ରତ୍ୟେକ୍ଷ ଭାବେ ଆକ୍ରାନ୍ତ ବା ମୃତ ପକ୍ଷୀର ସଂସ୍ପର୍ଶରେ ଆସିଲେ କିମ୍ବା ପରୋକ୍ଷ ଭାବେ ସେମାନଙ୍କ ଠାରୁ ନିର୍ଗତ ଲାଳ, ମଳ ଓ ମୂତ୍ର ଦ୍ୱାରା ଜଳ, ମାଟି କିମ୍ବା ଖାଦ୍ୟ ମାଧ୍ୟମରେ ବ୍ୟାପିଥାଏ। ରୋଗ ଆରମ୍ଭ ହେବାର ୪୮ଘଣ୍ଟା ମଧ୍ୟରେ ଶତକଡା ୭୦-୮୦ ଭାଗ ପକ୍ଷୀ ମୃତ୍ୟୁବରଣ କରିଥାନ୍ତି। ଏହାକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ମୂଳକ ଭାବେ ରାଜ୍ୟ ବାହାରୁ ଆସୁଥିବା କୁକୁଡା ଓ ଅଣ୍ଡା ଉପରେ କଟକଣା ଜାରି କରିବା ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରବେଶ ଓ ପ୍ରସ୍ଥାନ ମାର୍ଗ ଯଥା ଚାନ୍ଦୋଳ, ରାଜକନିକା ବ୍ରିଜ ଓ ଇନ୍ଦୁପୁର ବ୍ରିଜ ନିକଟରେ ଚେକିଂ ପୋଷ୍ଟ କରିବାକୁ ସ୍ଥିର କରାଯାଇଛି। ଜିଲ୍ଲାରେ ଯଦି କୌଣସି ସ୍ଥାନରେ ବାର୍ଡ ଫ୍ଲୁ ହେବାର ରକ୍ତ ନମୁନା ପରୀକ୍ଷାରୁ ଜଣାପଡେ ତେବେ ଏହାକୁ ରୋକିବା ପାଇଁ ଟିମ ଗଠନ କରାଯାଇଛି। ଏହି ରୋଗ ସମ୍ପର୍କରେ କୁକୁଡ଼ା ଚାଷୀ ଏବଂ ବ୍ୟବସାୟୀ ମାନଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଯେପରି ଏହି ରୋଗ ଦ୍ୱାରା ମନୁଷ୍ୟ ସଂକ୍ରମିତ ନ ହୁଅନ୍ତି ସେଥି ପ୍ରତି ସତର୍କ ରହିବା ଆବଶ୍ୟକ ବୋଲି ଜିଲ୍ଲାପାଳ ମତ ଦେଇଥିଲେ। ଏହି ରୋଗର ନିରାକରଣ ପାଇଁ ବିଦେଶୀ ଆଗନ୍ତୁକ ପକ୍ଷୀଙ୍କ ସଂସ୍ପର୍ଶରେ ଆସିବା ଅନୁଚିତ୍।

## ପୂର୍ବ ସରକାରର ମୁଖ୍ୟମନ୍ତ୍ରୀ ନିଜେ ଲୋକଙ୍କ ଅଭିଯୋଗ ନଶୁଣି ଜଣେ ଅଫିସରଙ୍କୁ ପଠାଇବା ଦୁର୍ଭାଗ୍ୟଜନକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୮(ପି.ଏନ): ପୂର୍ବ ସରକାରର ମୁଖ୍ୟମନ୍ତ୍ରୀ ରାଜ୍ୟରେ ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ ଏକ ବିକୃତ ବ୍ୟବସ୍ଥା କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହାସହିତ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ଖର୍ଚ୍ଚଦାବି ଆଲୋଚନାରେ ସରକାରଙ୍କୁ କିଛି ପ୍ରଶ୍ନ ପଚାରି ପଳାଇ ଯାଇଥିବାରୁ ଶ୍ରୀ ମାଝୀ ତାଙ୍କୁ କଟାକ୍ଷ କରି କହିଥିଲେ ଯେ, ପ୍ରଶ୍ନର ଉତ୍ତର ଶୁଣିବା ପାଇଁ ବିରୋଧୀ ଦଳ ନେତା ଉପସ୍ଥିତ ଅଧିକ ଭଲ ହୋଇଥାନ୍ତା, ବୋଧହୁଏ ବିଧାନସଭାଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତାଙ୍କର ଥାଇପାରେ ବୋଲି କହି କଟାକ୍ଷ କରିବାକୁ ପଛାଇନଥିଲେ।ଆଜି ବିଧାନସଭାରେ ଉଭୟ ଗୃହ ବିଭାଗ ଏବଂ ସାଧାରଣ ପ୍ରଶାସନ ବିଭାଗର



ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ସାଧାରଣ ଅଭିଯୋଗ ଶୁଣାଣିର ବିକୃତ ବ୍ୟବସ୍ଥା ପୂର୍ବ ସରକାରର ମୁଖ୍ୟମନ୍ତ୍ରୀ ସୃଷ୍ଟି କରିଥିଲେ। ମୁଖ୍ୟମନ୍ତ୍ରୀ ନିଜେ ଲୋକଙ୍କ ପାଖକୁ ନଯାଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଇବା ଦୁର୍ଭାଗ୍ୟଜନକ । ପୂର୍ବ ମୁଖ୍ୟମନ୍ତ୍ରୀ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ଅଭିଯୋଗ ଶୁଣାଣି ପାଇଁ ପଠାଇବା ଏକ ବିକୃତ ବ୍ୟବସ୍ଥା ଥିଲା। ନିଜର ଜଣେ ଅଫିସରଙ୍କୁ ପଠେଇ ଅଭିଯୋଗ ଶୁଣାଣି କରୁଥିଲେ । ନିଜେ କେବେ ଲୋକଙ୍କ ଗୁହାରି ଶୁଣୁନଥିଲେ । ଏଭଳି ଏକ ବିକୃତ ବ୍ୟବସ୍ଥା ପୂର୍ବ ସରକାରରେ ଚାଲିଥିଲା ।

## ପୁଷ୍ଟିକର ନାଁରେ ଦେଉଛନ୍ତି ପୋକରା ଛତୁଆ; ଅସନ୍ତୋଷ ଝାଡ଼ିଲେ ବିଧାୟକ

ଭୁବନେଶ୍ୱର,୩୧।୮(ପି.ଏନ): ଗର୍ଭବତୀ ଓ କଅଁଳ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଛତୁଆ ଯୋଗାଉଥିଲେ ରାଜ୍ୟ ସରକାର। ହେଲେ ସେହି ଛତୁଆ ନିମ୍ନମାନର। ଛତୁଆରେ ପୋକ ସାଲୁବାଲୁ। ଯାହା ଖାଇବା ଯୋଗ୍ୟ ନୁହେଁ। ସେହି ଛତୁଆକୁ ଗାଈ ଗୋରୁ ଖାଉନାହାନ୍ତି। ତାହାହେଲେ ଗର୍ଭବତୀ ଓ କଅଁଳ ପିଲା କେମିତି ଖାଇବେ ରାଜ୍ୟର କୋଣ ଅନୁକୋଣରୁ ଏପରି ଅଭିଯୋଗ ପ୍ରତିଦିନ ଆସୁଛି। ଏହାକୁ ନେଇ ଆଜି ବିଧାନସଭା ଉଠୁଛି ପଡିଛି। ନିମ୍ନମାନର ଛତୁଆକୁ ନେଇ ବରିଷ୍ଠ ବିଧାୟକମାନେ ତାଚ୍ଛଲ୍ୟ କରିଛନ୍ତି। ବ୍ୟବସ୍ଥାକୁ ତୀବ୍ର ସମାଲୋଚନା କରିଛନ୍ତି।ଆଜି ଗୃହରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ପ୍ରଶ୍ନୋତ୍ତର ଆରମ୍ଭ ହେବା ମାତ୍ରେ ଛତୁଆ ମହାଦୁର୍ନୀତି ପ୍ରସଙ୍ଗରେ ମୁହଁ



ଖୋଲିଥିଲେ କଂଗ୍ରେସର ବରିଷ୍ଠ ସଦସ୍ୟ ତାରା ବାହିନୀପତି। ପରେ ବିରୋଧୀଙ୍କ ସ୍ୱର ସହ ସ୍ୱର ମିଳାଇଥିଲେ ଶାସକ ଦଳର ସଦସ୍ୟ। ବ୍ୟବସ୍ଥାରେ ନାକ ତଳେ ଚାଲୁଥିବା ଏ ମହାଦୁର୍ନୀତି ସମ୍ପର୍କରେ ସମସ୍ତେ ଅବଗତ ଥାଇ ମଧ୍ୟ କିଭଳି ବର୍ଷ ବର୍ଷ ଧରି ପୁଷ୍ଟି ନାଁରେ ଅପପୁଷ୍ଟି ବଣ୍ଟା ଚାଲିଛି ତା'ର ସ୍ପଷ୍ଟ ଅବତାରଣା କରିଥିଲେ ଜଣକ ପରେ ଜଣେ ବିଧାୟକ। ପରେ ଏ ଘଟଣାର ତଦନ୍ତ କରାଯାଇ, ବିଧାନସଭାକୁ ଜଣାଯିବ ବୋଲି ଉତ୍ତର ରଖିଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।

## ଶୂନ୍ୟକାଳରେ ନାରୀ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କଲେ କଂଗ୍ରେସ ବିଧାୟକ ଦଳ ନେତା

ଭୁବନେଶ୍ୱର,୩୧।୮(ପି.ଏନ): ଶୂନ୍ୟକାଳରେ ନାରୀ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କଲେ କଂଗ୍ରେସ ବିଧାୟକ ଦଳ ନେତା । ଅଢେଇ ମାସରେ ଛଅ ଜଣଙ୍କୁ ଦୁଷ୍କର୍ମ ହୋଇଛି । ନୂଆ ତଥା ବିଜେପି ସରକାର ଆସିବା ଦିନଠାରୁ ଆଇନ ଶୃଙ୍ଖଳା ପରିସ୍ଥିତି କେଉଁଠି ମହିଳା ଦୁଷ୍କର୍ମ ବଢୁଛି । ଛଅ ଜଣ ଦୁଷ୍କର୍ମ ହୋଇଥିବା ପୀଡ଼ିତଙ୍କ ମଧ୍ୟରୁ ତିନି ଜଣ ନାବାଳିକା ଯାହା ଚିନ୍ତାର କାରଣ ।ନାରୀ ସୁରକ୍ଷାକୁ ସରକାର ଗୁରୁତ୍ୱ ଦିଅନ୍ତୁ ।କଲିକତା ଘଟଣା ଦେଶରେ ଚିନ୍ତାର କାରଣ ପାଲଟି ଥିବା ବେଳେ ଏଠି ଆଇନ ମନ୍ତ୍ରୀ ଓ ପୋଲିସ ମହା ନିର୍ଦ୍ଦେଶକ ଉପସ୍ଥିତ ଅଛନ୍ତି ତେବେ ଏ ଦିଗକୁ ଗୁରୁତ୍ୱର ସହ ନେଇ ଗୃହ ବିଭାଗର ମୁଖିଆ ତଥା ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଏଥିରେ ରୋକ୍ ଲଗାଇ ନାରୀ ସମାଜକୁ ସୁରକ୍ଷା ଦେବାକୁ ଦାବି କରିବା ସହ ଏହି ସରକାର ସମୟରେ ଏକ ଶ୍ୱେତ ପତ୍ର ପ୍ରକାଶ କରିବାକୁ କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ।



## ହୋମଗାର୍ଡ ନିଯୁକ୍ତି ଉପରୁ କଟକଣା ହଟିଲା, ଓଆଇଏସ ଏଫରେ ୪ ହଜାର ନୂଆ ପଦବୀ ସୃଷ୍ଟି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୮(ପି.ଏନ): ରାଜ୍ୟରେ ନୂଆ ହୋମଗାର୍ଡ ନିଯୁକ୍ତି ଉପରେ ବିଜେଡି ସରକାର ଲାଗୁ କରିଥିବା କଟକଣାକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହଟାଇ ଦେଇଛନ୍ତି। ଏହାସହିତ ନକ୍ସଲ କିମ୍ବା ଅନ୍ୟାନ୍ୟ ଘଟଣାରେ ହୋମଗାର୍ଡଙ୍କ ମୃତ୍ୟୁ ଘଟିଲେ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ନିଯୁକ୍ତି ମିଳିବ ବୋଲି ଘୋଷଣା କରିଛନ୍ତି ।ଆଜି ବିଧାନସଭାରେ ଗୃହ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନାବେଳେ ଗୃହ ବିଭାଗର ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଶ୍ରୀ



ମାଝୀ କହିଥିଲେ ଯେ, ରାଜ୍ୟରେ ନୂଆ ହୋମଗାର୍ଡ ନିଯୁକ୍ତିକୁ ନେଇ ରହିଥିବା କଟକଣାକୁ ପ୍ରତ୍ୟାହାର କରାଯାଉଛି । ୨୦୨୦ ମସିହା ଫେବୃୟାରୀ ମାସରୁ ଏହି କଟକଣା ଜାରି ରହିଥିଲା । ଏହି କଟକଣା ହଟିବା ସହ ଖାଲିପଡିଥିବା ୨୨୯୮ଟି ହୋମଗାର୍ଡ ପଦବୀରେ ନିଯୁକ୍ତି ଖୁବଶୀଘ୍ର ହୋଇପାରିବ ବୋଲି କହିଛନ୍ତି । ସେହିପରି ନକ୍ସଲ କିମ୍ବା ଅନ୍ୟ ଘଟଣାରେ କୌଣସି କର୍ତ୍ତବ୍ୟରତ ହୋମଗାର୍ଡଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ କ୍ଷତିପୂରଣ ଭାବେ ସରକାରୀ ଚାକିରି ମିଳିବ ।

## କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କୁ ମୁଥ ମାରିବାକୁ ଉଦ୍ୟମ କରି ଛେଚା ଖାଇଲେ ଯୁବକ

ଭୁବନେଶ୍ୱର,୩୧।୮(ପି.ଏନ): କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହଙ୍କ ଉପରେ ଆକ୍ରମଣ ଉଦ୍ୟମ। ଜଣେ ଯୁବକ ତାଙ୍କୁ ମୁଥ ମାରିବାକୁ ଚେଷ୍ଟା କରିବ ପ୍ରବଳ ମାଡ ଖାଇଛନ୍ତି। ବିହାର ବେଗୁସରାଇରେ ଅନୁଷ୍ଠିତ ଗୋଟିଏ ସର୍ବସାଧାରଣ କାର୍ଯ୍ୟକ୍ରମରେ ଏପରି ଘଟଣା ଘଟିଛି।ନିଜ ନିର୍ବାଚନ ମଣ୍ଡଳୀ ବେଗୁସରାଇରେ ଆଜି ଶ୍ରୀ ସିଂହ ଜନତା ଦରବାରରେ ଲୋକଙ୍କ ଅଭିଯୋଗ ଶୁଣୁଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସମ୍ବୋଧନ କରୁଥିବା ବେଳେ ହଠାତ୍ ଜଣେ ଯୁବକ ତାଙ୍କ ମାଇକ୍ରୋଫୋନକୁ ଛଡାଇ ନେଇ ମୁଥ ମାରିବାକୁ ଚେଷ୍ଟା କରିଥିଲେ। ହେଲେ ସେଠାରେ ଉପସ୍ଥିତ ବିଜେପି କର୍ମୀ ଓ ସୁରକ୍ଷାକର୍ମୀ ଆକ୍ରମଣ ଉଦ୍ୟମ କରୁଥିବା ଯୁବକଙ୍କୁ କାବୁ କରି ନେଇଥିଲେ। ସୁରକ୍ଷାକର୍ମୀମାନେ ଯୁବକଙ୍କୁ ଧରିଥିବା ବେଳେ ବିଜେପି କର୍ମୀମାନେ ତାଙ୍କୁ ପ୍ରବଳ ପିଟିଥିଲେ। ଶେଷରେ ସୁରକ୍ଷାକର୍ମୀମାନେ ତାଙ୍କୁ ଅନ୍ୟତ୍ର ନେଇ ଯାଇଥିଲେ।

## ଧରାପଡିଲେ କୁଖ୍ୟାତ କ୍ରିଷ୍ଣା ଗ୍ୟାଙ୍ଗର ୮: ପୁରୀରୁ ଆସି ରାଜଧାନୀରୁ ଲୁଟୁଥିଲେ

ଭୁବନେଶ୍ୱର,୩୧।୮(ପି.ଏନ): ପୁରୀରୁ ଆସି ରାଜଧାନୀରୁ ବାଇକ୍ ଲୁଟୁଥିବା କୁଖ୍ୟାତ କ୍ରିଷ୍ଣା ଗ୍ୟାଙ୍ଗ୍ ଶେଷରେ କମିସନରେଟ୍ ପୁଲିସ ପଞ୍ଝାବରେ ପଡିଛି। ସ୍ପେଶାଲ୍ ସ୍କ୍ୱାଡ୍ ଓ ବଡଗଡ ଥାନା ପୁଲିସ ମିଳିତ ଅପରେସନ୍ କରି ୮ ଲୁଟେରାଙ୍କୁ କାବୁ କରିଛି। ସେମାନେ ହେଲେ ଗ୍ୟାଙ୍ଗ୍ ମୁଖିଆ କୋଣାର୍କ ଅଞ୍ଚଳର କ୍ରିଷ୍ଣା କାଣ୍ଡି ଓରଫ ରାହୁଲ୍ ? କାଣ୍ଡି(୨୪), ପୁରୀ ତାଳବଣିଆ ଅଞ୍ଚଳର ସୁଦର୍ଶନ ଦାସ ଓରଫ ସୁଜି(୩୬), କୋଣାର୍କ ଚନ୍ଦ୍ରଭାଗା ଅଞ୍ଚଳର ରାମଚନ୍ଦ୍ର ବେହେରା(୨୮), ସାନଜ ବେହେରା ଓରଫ ସନିଆ(୨୯), ଜଗନ ରାଉତ(୨୨), କୋଣାର୍କ ରାମଚଣ୍ଡୀ ଅଞ୍ଚଳର ଦୀପକ କୁମାର ସାହୁ ଓରଫ ଦିଲୁ(୨୫), ପୁରୀ ଗୋପ ଅଞ୍ଚଳର ଆକାଶ ବାରିକ(୨୩) ଓ ପିପିଲି ଅଞ୍ଚଳର ସତ୍ୟରଂଜନ ଭୋଇ ଓରଫ ମନ୍ତା(୨୮)। ପୁଲିସ ସେମାନଙ୍କ ନିକଟରୁ ୩୧ଟି ବାଇକ୍, ଗୋଟିଏ ବାଇକ୍ ଇଂଜିନ୍, ୫ ମାଷ୍ଟର କି' ଓ ମୋବାଇଲ୍ ଫୋନ୍ ଜବତ କରିଛି। ପ୍ରାୟ ୬ମାସ ହେଲା କମିସନରେଟ୍ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ଏହି ଗ୍ୟାଙ୍ଗ୍ ସମ୍ପର୍କରେ ଆଜି ପୁଲିସ ସେବାଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର ସଞ୍ଜୀବ ପଣ୍ଡା ଓ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

## ନିର୍ବାଚନ ପୂର୍ବରୁ 'ଖର୍ଚ୍ଚ ପେ ଚର୍ଚ୍ଚା' ଅଭିଯାନ ଆରମ୍ଭ କଲା କଂଗ୍ରେସ

ଭୁବନେଶ୍ୱର,୩୧।୮(ପି.ଏନ): ହରିୟାଣା ବିଧାନସଭା ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ଆକୃଷ୍ଟ ତଥା ସଚେତନ କରିବା ପାଇଁ କଂଗ୍ରେସ ଆରମ୍ଭ କରିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଆଜି ଠାରୁ ଦଳ ପକ୍ଷରୁ ଆରମ୍ଭ ହୋଇଛି 'ଖର୍ଚ୍ଚ ପେ ଚର୍ଚ୍ଚା' ଅଭିଯାନ। ଏହି ଅଭିଯାନ ମାଧ୍ୟମରେ କଂଗ୍ରେସ ନିର୍ବାଚନ ପୂର୍ବରୁ ରାଜ୍ୟର ସବୁ ଲୋକଙ୍କ ପାଖରେ ପହଞ୍ଚିବ ଓ ବର୍ତ୍ତମାନ କ୍ଷମତାସୀନ ସରକାର ଅଧୀନରେ ଜୀବନ ଧାରଣା ପାଇଁ ବ?ୁଥିବା ଖର୍ଚ୍ଚ ସମ୍ପର୍କରେ ଲୋକଙ୍କୁ ବୁଝାଇବ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଚାଏ ପେ ଚର୍ଚ୍ଚା ଓ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ କରୁଥିବାରୁ କଂଗ୍ରେସ ଏହାକୁ ଦୃଷ୍ଟିରେ ରଖି ଖର୍ଚ୍ଚ? ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଆରମ୍ଭ କରିଛି। ମହିଳା ତଥା ତୃଣମୂଳସ୍ତରରେ ଦଳ ପହଞ୍ଚିବାକୁ ଦଳ



ଲକ୍ଷ୍ୟ ରଖିଛି।ଏଥିସହ ରାଜ୍ୟରେ କଂଗ୍ରେସ ଓ ବିଜେପି ସରକାର ସମୟରେ ଜରୁରୀ ସାମଗ୍ରୀର ଦାମ କେତେ ବ?ିଛି, ତା'ର ତୁଳନା କରି ଦଳ ଲୋକଙ୍କ ଆଗରେ ଉପସ୍ଥାପନ କରିବ। ଜୀବନ ଧାରଣ ପାଇଁ ବ?ୁଥିବା ଦରକୁ ନେଇ କଂଗ୍ରେସ କ୍ଷମତାସୀନ ବିଜେପିକୁ ନିୟମିତ ଟାର୍ଗେଟ କରି ଆସୁଛି।

## ଆସନ୍ତା ସେପ୍ଟେମ୍ବର ୧୭ରେ ସୁଭଦ୍ରା ହିତାଧିକାରୀଙ୍କୁ ମିଳିବ ପ୍ରଥମ କିସ୍ତି

ଭୁବନେଶ୍ୱର,୩୧।୮(ପି.ଏନ): ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ସୁଭଦ୍ରା ହିତାଧିକାରୀଙ୍କୁ ମିଳିବ ପ୍ରଥମ କିସ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁଭଦ୍ରା ଯୋଜନାର ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ। ସେହି ଅବସରରେ ମିଳିବ ପ୍ରଥମ କିସ୍ତି ସହାୟତା। ବର୍ଷକୁ ଦୁଇ ଥର ମିଳିବ ସୁଭଦ୍ରା କିସ୍ତି। ମାର୍ଚ୍ଚ ଅନ୍ତର୍ଜାତିକ ମହିଳା ଦିବସ ଓ ରାଖୀ ପୂର୍ଣ୍ଣିମାରେ ମିଳିବ ୫ହଜାର ଟଙ୍କା ଲେଖାଏଁ କିସ୍ତି।ଚଳିତ ବର୍ଷ ରାଖୀ ପୂର୍ଣ୍ଣିମା ସରିଯାଇଥିବାରୁ ସେପ୍ଟେମ୍ବର ୧୭ ତାରିଖରେ ପ୍ରଥମ କିସ୍ତି ଦିଆଯିବ। ରାଜ୍ୟର ପ୍ରାୟ ୧ କୋଟି ୩୦ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାରେ ସାମିଲ ହେବେ ବୋଲି କହିଛନ୍ତି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦାୟିତ୍ୱରେ ଥିବା ଉପମୁଖମନ୍ତ୍ରୀ ପ୍ରଭାତୀ ପରିଡା। ସୁଭଦ୍ରା ଯୋଜନାକୁ ନେଇ ବାରମ୍ବାର ବିଭିନ୍ନ ପ୍ରଶ୍ନ ଓ ସନ୍ଦେହ ସୃଷ୍ଟି ହେବାରୁ ଆଜି ନିଜେ ଉପମୁଖ୍ୟମନ୍ତ୍ରୀ ଅନଲାଇନରେ ଲାଇଭ ବାର୍ତ୍ତା ଦେବାକୁ ବାଧ ହୋଇଛନ୍ତି ।ଏପରିକି ଏହି ଯୋଜନାରେ ବିଧବା ଭତ୍ତା ପାଉଥିବା ମହିଳା ଓ ବୃତ୍ତି ପାଉଥିବା ଛାତ୍ରଛାତ୍ରୀ ବି ବାଦ ପଡିବାର ଆଶଙ୍କା ରହିଛି । ଏହାର ସ୍ପଷ୍ଟୀକରଣ ଦେଇ ସେ କହିଛନ୍ତି ଯେ, ସ୍ୱଚ୍ଛଳ ବର୍ଗକୁ ଛାଡିଦେଲେ ୨୧ରୁ ୬୦ ବର୍ଷ ବୟସ ମଧ୍ୟରେ ସବୁ ଯୋଗ୍ୟ ମହିଳା ଏହି ଯୋଜନାରେ ସାମିଲ ହୋଇପାରିବେ । ଉଭୟ ଅନଲାଇନ ଓ ଅଫଲାଇନ ମୋଡରେ ଆବେଦନ ଗ୍ରହଣ କରାଯିବ ।ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ସାମିଲ ହେବାକୁ ଆବେଦନପତ୍ର ଗ୍ରହଣର ସମୟସୀମା ଧାର୍ଯ୍ୟ କରାଯାଇନାହିଁ । ତେଣୁ ଫର୍ମ କିଣିବା ଓ ଦାଖଲ ପାଇଁ ଅକାରଣରେ ଭିଡ ନକରିବାକୁ ସେ ଅପିଲ କରିଛନ୍ତି । ଆଧାର କାର୍ଡ ନଥିଲେ ଯୋଗ୍ୟ ହିତାଧିକାରୀ ବି ଏହି ଯୋଜନାରେ ସାମିଲ ହୋଇପାରିବେ ନାହିଁ । ତେଣୁ ସୁଭଦ୍ରା ଯୋଜନାରେ ସାମିଲ ପାଇଁ ଆଗ୍ରହୀ ମହିଳା ଆଧାର କାର୍ଡ କରିବା ଉଚିତ ବୋଲି ସେ କହିଛନ୍ତି । ରାଜ୍ୟର ସବୁ ଅଙ୍ଗନୱାଡି କେନ୍ଦ୍ରରେ ସୁଭଦ୍ରା ପାଇଁ ଫର୍ମ ଉପଲବ୍ଧ । ମହିଳାମାନଙ୍କୁ ଫର୍ମ ପୂରଣ ଓ ଦାଖଲରେ ଅଙ୍ଗନୱାଡି କର୍ମୀ, ସିଆରପି, ଏମବିସି, ବ୍ୟାଙ୍କ ମିତ୍ର, କୃଷିମିତ୍ରମାନେ ସହଯୋଗ କରିବେ।

## ବାଲେଶ୍ୱର ଡିଇଓ ଅଫିସର କନିଷ୍ଠ କିରାଣିଙ୍କୁ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର,୩୧।୮(ପି.ଏନ): ବାଲେଶ୍ୱର ଡିଇଓ ଅଫିସର କନିଷ୍ଠ କିରାଣିଙ୍କୁ ଭିଜିଲାନ୍ସ ଗିରଫ କରିବା ଖବର ସାମ୍ନାକୁ ଆସିଛି। ଆୟ ବହିର୍ଭୂତ ସଂପତ୍ତି ଠୁଳ ମାମଲାରେ ପ୍ରଦୀପ ଦାସଙ୍କୁ ଗିରଫ କଲା ଭିଜିଲାନ୍ସ ଟିମ। ଭିଜିଲାନ୍ସର ଚଢାଉ ବେଳେ ଠାବ ହୋଇଛି ଦାମୀ ବିଲ୍ଡିଂ, ବାଲେଶ୍ୱରରେ ଥିବା ବିରାଟ ମାର୍କେଟ କମ୍ପ୍ଲେକ୍ସ, ଶେରଗଡରେ



ଥିବା ୧କୋଟି ୯ ଲକ୍ଷ ଟଙ୍କାର ମାର୍କେଟ କମ୍ପ୍ଲେକ୍ସ, ଏବଂ ୬କୋଟି ଦାମୀ ଫ୍ଲାଟ।ସୂଚନାନୁଯାୟୀ, ଅଗଷ୍ଟ ୩୦ ତାରିଖ ସକାଳେ ବାଲେଶ୍ୱର ଡିଇଓ ଅଫିସ୍ କିରାଣି ପ୍ରଦୀପ ଦାସଙ୍କ ଘରେ ଭିଜିଲାନ୍ସ ଚଢାଉ କରିଥିଲା। ଏହି ଚଢାଉ ସମୟରେ ଏକକାଳୀନ ୬ଟି ସ୍ଥାନରେ ଭିଜିଲାନ୍ସ ଟିମ ଛାନଭିନ କରିଥିଲେ। ତେବେ ସମସ୍ତ ଆୟବହିର୍ଭୂତ ସଂପତ୍ତି ଠାବ କରିବା ପରେ ପ୍ରଦୀପ ଦାସଙ୍କୁ ଗିରଫ କରାଯାଇଛି।






# ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାତା । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।



# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ । କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି । ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ । ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍ । 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି । ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର । ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ । କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍ । ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି । ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍ । ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ । ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି । ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି । ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ । ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି । ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ । ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ । ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି । ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି । ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି । ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ । ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି । ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି ।

## ଫଟୋସପ୍‌ର କମାଲ୍

ଥିଓଡର । ତା'ବୟସ ମାତ୍ର ୧୦ ମାସ । ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ । କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ । ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ । ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍ । ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ । ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ । ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି ।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ । ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି । ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି । ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ । ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ । ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ । ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ । ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ । ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ । ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ । ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ । ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ । ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି । ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ । ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ । ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ବିଜେପିର ଓଡ଼ିଶା ସ୍ୱପ୍ନ



ଆସନ୍ତା ୨୦୨୪ ନିର୍ବାଚନରେ ବିଜେପି ଓଡ଼ିଶାରେ ୧୬ଟି ଲୋକସଭା ଆସନ ପାଇବ ବୋଲି ଏବେଠୁ ସ୍ୱପ୍ନ ଦେଖିବାରେ ଲାଗିଛି। ଏବେ ବିଜେପିର ଓଡ଼ିଶାରୁ ଲୋକସଭାରେ ଯେତିକି ସଦସ୍ୟ ଅଛନ୍ତି ତାହା ୧୬ ନହୋଇ ୧କୁ ଖସିଆସିବ ବୋଲି ବରିଷ୍ଠ ନେତା ଦାମୋଦର ରାଉତ କହିଛନ୍ତି ବୋଲି ଖବରକାଗଜରେ ପ୍ରକାଶ ପାଇଛି। ଜଣେ ବରିଷ୍ଠ ନାଗରିକ ଭାବେ ଏବଂ ରାଜନୀତି ସମ୍ପର୍କରେ ମୋର ଯେଉଁ କିଛି ଧାରଣା ରହିଛି ସେଥିରୁ ଦାମବାବୁଙ୍କ ବକ୍ତବ୍ୟ ମୋତେ ଠିକ୍ ଲାଗୁଛି। କାରଣ କିଛିଦିନ ତଳେ ମୋବାଇଲରେ ଟାଇମସ୍ ଅଫ ଇଣ୍ଡିଆ ନ୍ୟୁଜରେ ଗୋଟିଏ ଧାଡ଼ି ସମ୍ବାଦ ଦେଖିଥିଲି। ତାହା ଥିଲା-"ବିଗତ ଦିନର କଂଗ୍ରେସ ହାଇକମାଣ୍ଡ ଓ ଏବେର ବିଜେପିର ହାଇକମାଣ୍ଡ।" ଏ ସମ୍ପର୍କରେ ଆଉ ବିଶେଷ ସମ୍ବାଦ ମୋବାଇଲରେ ପାଇଲି ନାହିଁ। ମୁଁ ଭାବୁଛି ଏହି ଲେଖାଟିର ନିଷ୍କର୍ଷ ହେଉଛି କଂଗ୍ରେସ ହାଇକମାଣ୍ଡ କଂଗ୍ରେସକୁ ଯେଉଁସ୍ତରରେ ଆଣି ପହଞ୍ଚାଇ ଦେଇଛି ବିଜେପି ହାଇକମାଣ୍ଡ ବିଜେପିକୁ ଯେ ସେହି ସ୍ତରକୁ ନେଇ ନ ଯିବ କିଏ କହିବ? ଏହି ହାଇକମାଣ୍ଡ କଥା ଚିନ୍ତା କଲାବେଳେ ଓଡ଼ିଶା କଥା ବିଚାରକୁ ନିଆଯାଉ। କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଓଡ଼ିଶାରୁ ତିନିଜଣଙ୍କୁ ନିଆଯାଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ହାଇକମାଣ୍ଡ କହିବେ କି ଏହି ତିନିଜଣଙ୍କ ମଧ୍ୟରୁ କେତେଜଣ ରାଜ୍ୟବାସୀଙ୍କ ସିଧାସଳଖ ଭୋଟରେ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଛନ୍ତି ଓ ରାଜ୍ୟବାସୀ ବିଜେପିର କେତେଜଣଙ୍କୁ ସିଧାସଳଖ ଭୋଟ ଦେଇ ପାର୍ଲାମେଣ୍ଟକୁ ପଠାଇଛନ୍ତି! ଓଡ଼ିଶାବାସୀ ଯେଉଁମାନଙ୍କୁ ଭୋଟ ଦେଇ ପାର୍ଲାମେଣ୍ଟକୁ ପଠାଇଛନ୍ତି ସେମାନେ କ'ଣ ମନ୍ତ୍ରୀ ହେବା ପାଇଁ ଅଯୋଗ୍ୟ? ରାଜ୍ୟବାସୀଙ୍କ ଭୋଟର କ'ଣ କିଛି ମୂଲ୍ୟ ନାହିଁ? ଯଦି ରେଳବାଇ ମନ୍ତ୍ରୀ ଓଡ଼ିଶାର, ତେବେ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ପାଇଁ କିଏ? ସେ ତ' ୬ ବର୍ଷ କାଳ ବିହାରର ସେବା କଲେ, ଏବେ ମଧ୍ୟପ୍ରଦେଶର ସେବା କରୁଛନ୍ତି, ତେବେ ସେ ଓଡ଼ିଶାର ହେଲେ କେମିତି?

ଆମେ ଯାହା ଖବରକାଗଜରେ ପଢ଼ିଛୁ, କଂଗ୍ରେସ ହାଇକମାଣ୍ଡ ତୋଷାମଦ ଦ୍ୱାରା ରାଜ୍ୟଗୁଡ଼ିକୁ ପରିଚାଳନା କରୁଥିଲେ, ଲୋକଙ୍କ ଭୋଟର ମୂଲ୍ୟ କିଛି ସେମାନେ ଦେଖିପାରୁ ନ ଥିଲେ। ଯାହାର ଫଳ ହେଉଛି ଆଜିର କଂଗ୍ରେସର ଏ ଅବସ୍ଥା। ଏବେ ଓଡ଼ିଶା କଥା ଆଲୋଚନା କଲେ ସେଥିରୁ ବିଜେପି ହାଇକମାଣ୍ଡ ଯେପରି କଂଗ୍ରେସ ହାଇକମାଣ୍ଡ ଗୁଳାରେ ପଡ଼ିଯାଇଥିବା ପରି ଲାଗୁଛି। ଉତ୍ତର ପ୍ରଦେଶ ନିର୍ବାଚନରେ କାହାରି କୌଶଳ ନୁହେଁ ଯୋଗୀ ଆଦିତ୍ୟନାଥଙ୍କ ବ୍ୟକ୍ତିତ୍ୱ ହିଁ ବିଜେପିକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଯଦି କୌଶଳ କାମ କରୁଛି ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ କ'ଣ ହେଲା। ଆମ ପ୍ରଧାନମନ୍ତ୍ରୀ କହିଁକି ଲୋକହସା ହେଲେ। ବିଜେପି ଓଡ଼ିଶାରେ ତାଙ୍କ ଦଳର ବିକାଶ କରିବାକୁ ଚାହିଁଲେ ରାଜ୍ୟବାସୀଙ୍କ ଭୋଟ ପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ରାଜ୍ୟରେ ତାଙ୍କ ଦଳର ପ୍ରକୃତ ଲୋକପ୍ରିୟ ନେତା କିଏ ଲୋକେ କାହାକୁ ମୁଖ୍ୟମନ୍ତ୍ରୀ ହେବା ଚାହାଁନ୍ତି, ତାହା ଟିକିନିଖି ତର୍ଜମା କରି ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ଆବଶ୍ୟକ, ଯେପରି ବିହାର ନିର୍ବାଚନ ପୂର୍ବରୁ ନିତିଶ କୁମାର ମୁଖ୍ୟମନ୍ତ୍ରୀ ହେବେ ବୋଲି ବିଜେପି ଘୋଷଣା କରିଥିଲା। ତାହାହେଲେ ଫଳାଫଳ ଭଲ ହୋଇପାରେ। ଯଦି କଂଗ୍ରେସ ହାଇକମାଣ୍ଡଙ୍କ ପରି ତୋଷାମଦକୁ ଗ୍ରହଣ କରି ପ୍ରାର୍ଥୀ ଚୟନ କରାଯାଏ, ତାହା ବିଜେପି ପାଇଁ ଦିବାସ୍ୱପ୍ନ ହୋଇ ରହିବ। ବିଜେଡ଼ିକୁ ସମୁଦ୍ରକୁ ଫୋପାଡ଼ି ଦେବୁ, ଡ଼ବଲ ଇଞ୍ଜିନ, ପୋଡ଼ା ଟ୍ରାନ୍ସଫରମର, ଏସବୁର କିଛି ମାନେ ନାହିଁ।

ଲୋକେ ଜାଣିଛନ୍ତି ବିଜେଡ଼ିକୁ ଭୋଟ ଦେଲେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ। ହାଇକମାଣ୍ଡଙ୍କୁ ଲୋକ ଭୋଟ ଦେବେନାହିଁ। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଦେଖି ଲୋକେ ଦଳକୁ ଭୋଟ ଦେଉଛନ୍ତି। ଉପରୁ ମୁଖ୍ୟମନ୍ତ୍ରୀ ଲଦିଦେବା ଆଉ ଲୋକେ ଚାହୁଁନାହାଁନ୍ତି। ଅବଶ୍ୟ ଏବେ ବିଜେଡ଼ି ସରକାର ପ୍ରତି ଲୋକଙ୍କର ବିମୁଖ ଭାବ ପ୍ରକାଶ ପାଉଛି। ଶାସନ ଥିବା ପରିକା ଲୋକ ଅନୁଭବ କରିପାରୁନାହାଁନ୍ତି। ମୋ ବସ୍, ମୋ ସାଇକେଲ, ମୋ ସରକାର ପରି ମୋ ଦୁର୍ନୀତି ରାଜ୍ୟରେ ଏତେ ବ୍ୟାପକ ହେଲାଣି ଯେ, ବିନା ଲାଞ୍ଚରେ କୌଣସି କାମ କରାଇବା ସମ୍ଭବ ହେଉନି। ଏପରିକି ତଳସ୍ତରର କର୍ମଚାରୀମାନେ ଉପରିସ୍ଥ ଅଧିକାରୀଙ୍କୁ ଖାତିର କରୁନାହାଁନ୍ତି କିମ୍ବା ଅଧିକାରୀମାନେ ତଳିଆ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ସାହସ କରିପାରୁନାହାଁନ୍ତି। ଏ ନେଇ ମୁଁ ନିଜେ ଭୋଗୁଥିବା ଗୋଟିଏ ଘଟଣାର ଉଦାହରଣ ଦେଉଛି। କାମାକ୍ଷାନଗର (ଜିଲ୍ଲା-ଢେଙ୍କାନାଳ) ସିନିୟର ସିଭିଲ ଜଜ୍‌ଙ୍କ ରାୟ ଅନୁସାରେ ମୋର ଜଣେ ସମ୍ପର୍କୀୟ ତାଙ୍କ ପୈତୃକ ସମ୍ପତ୍ତିରୁ କିଛି ଜମି ପାଇବା କଥା ଓ ଅମିନ କମିଶନର ମଧ୍ୟ କେଉଁ କେଉଁ ପ୍ଲଟ ପାଇବେ ସେ ସମ୍ପର୍କରେ ରିପୋର୍ଟ ମଧ୍ୟ ଦେଇଛନ୍ତି। ସିଭିଲ ଜଜ୍‌ଙ୍କ ରାୟ ଅମିନ କମିଶନରଙ୍କ ରିପୋର୍ଟ ଭୁବନ (ଢେଙ୍କାନାଳ) ତହସିଲଦାରଙ୍କ ନିକଟରେ ଗତ ଦୁଇବର୍ଷରୁ ଅଧିକ କାଳ ହେଲା ଦାଖଲ କରାଯାଇଛି। ତାଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଏବଂ ମୁଖ୍ୟମନ୍ତ୍ରୀ, ରାଜସ୍ୱ ସଚିବ ଏବଂ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ ପଟ୍ଟା ମିଳିପାରୁନାହିଁ। ଗତ ତା୩୦.୦୩.୨୦୨୨ରିଖରେ ଶେଷଥର ପାଇଁ କଟକ ଜିପିଓରୁ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଓ ରାଜସ୍ୱ ସଚିବ ତା୩.୬.୨୨ରିଖରେ ଭୁବନେଶ୍ୱର ଜିପିଓରୁ ରାଜସ୍ୱ ସଚିବଙ୍କୁ ଏବଂ ଜିଲ୍ଲାପାଳଙ୍କୁ ତା'ର ନକଲ ପଠାଇବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ପଟ୍ଟା ମିଳିପାରିନାହିଁ। ସାଧାରଣ ଜନତା ଏବେ ଏ ପ୍ରକାର ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ କିଛି ବିକଳ୍ପ ଚାହୁଁଛନ୍ତି। ଏହା ବିଜେଡ଼ି ପାଇଁ ଏକ ସତର୍କ ଘଣ୍ଟି ହୋଇଥିବା ବେଳେ ବିଜେପି ପାଇଁ ଏକ ସୁଯୋଗ। ତେଣୁ ତେଲ ମାଲିସ ଓ ହାତ ଚିକ୍କଣଠାରୁ ଦୂରେଇ ରହି ବିଜେପି ଆସନ୍ତା ନିର୍ବାଚନ ପୂର୍ବରୁ ଲୋକ ଚାହୁଁଥିବା ନେତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କଲେ ତାହାହେଲେ କିଛି ସମ୍ଭାବନା କଥା ଦେଇପାରେ। ନହେଲେ ବିଜେପିର ଏହି ଓଡ଼ିଶା ସ୍ୱପ୍ନ ଦେଖିବା ପାଇଁ ଆଉ ରାତି ନାହିଁ।

**-ପ୍ରଦ୍ୟୋତ କୁମାର ବିଶୋଇ**

*ବିଷ୍ଣୁପ୍ରିୟା ଆପାର୍ଟମେଣ୍ଟ, ଜୟଦେବ ବିହାର*
*ମୋବାଇଲ: ୯୮୬୧୦୭୩୫୧୧*

# ୨୬ରେ ଗଣେଶ ପରିଜା ସ୍ମାରକୀ ବକ୍ତୃତା



ଭୁବନେଶ୍ୱର (ପିଏନ୍)-ବିଶିଷ୍ଟ ଗବେଷକ ତଥା ଜନପ୍ରିୟ ଲେଖକ, ଗଣେଶ ପ୍ରସାଦ ପରିଜାଙ୍କ ତ୍ରୟୋବିଂଶ ସ୍ମୃତି ଦିବସ ପରିପ୍ରେକ୍ଷୀରେ 'ଶାରଳା ସ୍ମାରକ' ପକ୍ଷରୁ 'ଗଣେଶ ପରିଜା ସ୍ମାରକୀ ବକ୍ତୃତା' ଓ 'ଗଣେଶ ପରିଜା ସମ୍ମାନ' ପ୍ରଦାନ ଉତ୍ସବ ଆସନ୍ତା ସେପ୍ଟେମ୍ବର-୨୬ ତାରିଖ ସଂଧ୍ୟା ୬ ଘଟିକା ୩୦ମିନିଟ୍‌ରେ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହେଉଛି। ବିଶିଷ୍ଟ ଗବେଷକ ତଥା ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ଉପନିର୍ଦ୍ଦେଶକ ଡକ୍ଟର ଶାନ୍ତନୁ କୁମାର ରଥ 'ଶ୍ରୀଜଗନ୍ନାଥ ସଂସ୍କୃତିରେ ଲୋକ ଏବଂ ଲୋକୋତ୍ତର ଚେତନା' ଶୀର୍ଷକ ଏହି ସ୍ମାରକୀ ବକ୍ତୃତା ପ୍ରଦାନ କରିବେ। ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ବିଶିଷ୍ଟ ଐତିହ୍ୟ ଗବେଷକ ଅନୀଲ ଧୀରଙ୍କୁ ତାଙ୍କର ଓଡିଶାର ଐତିହ୍ୟ ଉପରେ ଗଭୀର ଗବେଷଣା ପାଇଁ 'ପଞ୍ଚମ ଗଣେଶ ପରିଜା ସମ୍ମାନ' ପ୍ରଦାନ କରାଯିବ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡକ୍ଟର) ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଉଥିବା ଏହି ଉତ୍ସବରେ ବିଶିଷ୍ଟ ଚିକିତ୍ସା ବିଜ୍ଞାନୀ ତଥା ଶାରଳା ସ୍ମାରକର କାର୍ଯ୍ୟକାରୀ ସଭାପତି ପ୍ରଫେସର ଡା. ନିମାଇଁ ଚରଣ ପରିଜା ସଭାପତିତ୍ୱ କରିବେ। ଏହି କାର୍ଯ୍ୟକ୍ରମରେ ଗଣେଶ ପରିଜା ଶୁଭେଚ୍ଛୁ ତଥା ସାହିତ୍ୟ ସଂସ୍କୃତିପ୍ରେମୀମାନେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଆୟୋଜକ ସମିତି ପକ୍ଷରୁ ସ୍ମୃତି ସଂଧ୍ୟାର ସଂଯୋଜକ ତଥା ଯୁବ ଭାଷାତତ୍ତ୍ୱବିତ୍ ଡ. ଦେବାଶିଷ ମହାପାତ୍ର, ସହସଂଯୋଜକ ଶତ୍ରୁଜିତ୍, ସାମ୍ବାଦିକ ଅପୂର୍ବ କୁମାର ମହାନ୍ତି ଓ ବିଜୟ କୁମାର ମହାନ୍ତି ଅନୁରୋଧ କରିଛନ୍ତି।

# ଦୀନଦରିଦ୍ରର ସେବକ ଥିଲେ ପ୍ରସନ୍ନ ଚମ୍ପତି



ଖୋର୍ଦ୍ଧା (ପିଏନ୍): ବିଶିଷ୍ଟ ସାମ୍ୟବାଦୀ ନେତା ତଥା ସମାଜସେବୀ ପ୍ରସନ୍ନ ଚମ୍ପତିଙ୍କ ଏକ ପ୍ରତିମୂର୍ତ୍ତି ମଳିପଡ଼ା ଜାତୀୟ ରାଜପଥ ପଶ୍ଚିମ ପାର୍ଶ୍ୱରେ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଉନ୍ମୋଚିତ ହୋଇଛି। ଏହି ଅବସରରେ ଏକ ସ୍ମୃତିସଭା ରାମଚଣ୍ଡୀ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟଙ୍କ ଅଧ୍ୟକ୍ଷତାରେ ତଥା ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ମୁଖ୍ୟବକ୍ତା ରୂପେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଏବଂ ସମ୍ମାନିତ ଅତିଥି ରୂପେ କଳିଙ୍ଗ ପାଇକ ସଂଗଠନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ବାଣପୁର ଗୋଦାବରୀଶ ମହା ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ନୃସିଂହ ଚରଣ ପ୍ରଧାନ, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁଧୀର କୁମାର ମାନସିଂହ ଓ ବିଶିଷ୍ଟ ଶିକ୍ଷାବିତ୍ ଗତିକୃଷ୍ଣ ଉତରକବାଟ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଚମ୍ପତିଙ୍କ ଜୀବନ ତମାମ ସମାଜସେବା ତଥା ଗ୍ରାମରେ ଡ଼ାକ୍ତରଖାନା ଓ କଲେଜ ପ୍ରତିଷ୍ଠାରେ ତାଙ୍କର ପ୍ରଗାଢ଼ ଉଦ୍ୟମ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ସର୍ବୋପରି ସେ ଦୀନ ଦରିଦ୍ରର ସେବକଭାବେ କାର୍ଯ୍ୟକରିଥିଲେ ଯାହା ଯୁଗ ଯୁଗ ଧରି ସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ କହିଥିଲେ। ପୁତ୍ର ନାଗଭୂଷଣ ଚମ୍ପତି, ପତ୍ନୀ ଜ୍ୟୋସ୍ନାରାଣୀ ସୁନ୍ଦରାୟ, ଉର୍ମିଳା ବଳବନ୍ତରାୟ, ସନ୍ଧ୍ୟାରାଣୀ ହରିଚନ୍ଦନ, ତମାଳ ଦେଇ, ପ୍ରକାଶ ଚମ୍ପତି, କମଳେଶ ମହାରଣା, ଜୟନ୍ତ ଚମ୍ପତି, ପ୍ରସନ୍ନ ମହାପାତ୍ର, ପ୍ରଦୀପ ଚମ୍ପତି, ଅର୍ଜୁନ ପ୍ରଧାନ, ଅମୀୟ ଚମ୍ପତି ପ୍ରମୁଖ ତାଙ୍କ କୀର୍ତିମୟ ଜୀବନର ଅନେକ କଥା ଉଦାହରଣ ଛଳରେ କହିଥିଲେ। ଧନେଶ୍ୱର ବଳିଆରସିଂହ ଓ ଗୁଣନିଧି ସୁବୁଦ୍ଧି ନାମ ସଂକୀର୍ତନ କରିଥିବା ବେଳେ ପ୍ରକାଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଲିଟନ ପାହାନ୍ତାସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଡ଼ଚଣା କଂଗ୍ରେସର ମିଶ୍ରଣ ପର୍ବ

ଦର୍ପଣ (ପିଏନ)-ଚଣ୍ଡିଖୋଲ ସ୍ଥିତ ରାଜୀବ ମେମୋରିଆଲ କଲ୍‌ଚରାଲ୍ ସେଣ୍ଟରଠାରେ କୁନ୍ଦଳ ପଞ୍ଚାୟତର ଅନେକ କର୍ମୀ ଉଭୟ ବିଜେପି ଓ ବିଜେଡି ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି ଓ କନ୍ୟାକୁମାରୀରୁ ଆରମ୍ଭ କରି ବିଭିନ୍ନ ରାଜ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତ ଜୋଡ଼ ଯାତ୍ରା କରି କଂଗ୍ରେସକୁ ମଜଭୁତ କରୁଥିବା ବେଳେ ସେହିଭଳି ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ନେତୃତ୍ୱକୁ ଆସ୍ଥା ପ୍ରକଟ କରି କୁନ୍ଦଳ ପଞ୍ଚାୟତର ବିଭିନ୍ନ ଗ୍ରାମର ଶରତ ଚନ୍ଦ୍ର ଦାସ, ପିତାମ୍ବର କବି, ବାବାଜୀ ସିଂ, ବଂଶୀଧର ବେହେରା, ସେକ ତାସଲିମ, ସେକ ଅସଫାକ ଆଲମ,ସେକ ଅବଦୁଲ, ଗୋବିନ୍ଦ ନାୟକ, ସେକ ଚାନ୍ଦ, ଭରତ ସେଠୀ, ରାଜେନ୍ଦ୍ର ସ୍ୱାଇଁ, ରାଧାନାଥ ବିଶ୍ୱାଳ, ଅଶୋକ ସାହୁ, ସମୀର ସାମଲ, ଗୌତମ ଜେନା, ବିକାଶ ଜେନା, ପ୍ରଦୀପ ସେଠୀ, ଅମର ଦାସ, ଫକୀର ସିଂହ,କିଶୋର ସିଂ, ଜୀବନଜ୍ୟୋତି ରାଉତଙ୍କ ସମେତ ବହୁ ଉଭୟ ବିଜେପି ଓ ବିଜେଡି ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି ଓ କଂଗ୍ରେସ ନେତା ଶ୍ରୀଯୁକ୍ତ ମହାପାତ୍ର ନୂତନ ଭାବେ ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଉପଢୌକନ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବ୍ଲକ କଂଗ୍ରେସ କମିଟି ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସୁଦୀପ ସାମଲ, ଯୁବ କଂଗ୍ରେସ ଜିଲ୍ଲା ସାଧାରଣ ସମ୍ପାଦକ ଶିଶିର ସାମଲ, କୁନ୍ଦଳ ପଞ୍ଚାୟତ ସଭାପତି ଅଚ୍ୟୁତାନନ୍ଦ ପଣ୍ଡା, ପ୍ରାକ୍ତନ ପଞ୍ଚାୟତ ସଭାପତି ବ୍ରଜବନ୍ଧୁ ସାମଲ, ଜୟପ୍ରକାଶ ବିଶ୍ୱାଳ, ସତ୍ୟବ୍ରତ ସାମଲ, ବିଚିତ୍ର ଜେନା, ସଞ୍ଜୟ ସିଂ, ଦେବେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ନବବିବାହିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ଉତ୍ତର ଗବବସ୍ତ ମୌଜାର ହାସିନ ସୁଲତାନାଙ୍କ (୨୨) ମୃତଦେହକୁ ଝୁଲନ୍ତା ଅବସ୍ଥାରେ ପୁଲିସ ଉଦ୍ଧାର କରିଛି। ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଏପରି ଝୁଲାଇ ଦିଆଯାଇଥିବା ସୁଲତାନାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ବିଭିନ୍ନ ଘଟଣାକୁ ନେଇ ପରିବାର ମଧ୍ୟରେ କଳହ ଲାଗି ରହିଥିଲା। ସୁଲତାନାଙ୍କର ମାତ୍ର ୮ମାସ ତଳେ ବିବାହ ହୋଇଥିଲାବେଳେ ତାଙ୍କ ସ୍ୱାମୀ ଗାଡ଼ିଚାଳକ ଭାବେ କାର୍ଯ୍ୟ କରନ୍ତି। ଏକ ଅସଦାଚରଣ ମାମଲାରେ ସେ ଜେଲ ଯାଇଥିଲେ। ଖବର ପାଇ ସଦର ଥାନା ପୁଲିସ ଗବବସ୍ତରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛି। ଏହି ଘଟଣାରେ ସୁଲତାନାଙ୍କ ସ୍ୱାମୀ ଓ ଶାଶୁଙ୍କୁ ଥାନାରେ ଅଟକ ରଖାଯାଇଥିବା ଆଇଆଇସି ରଶ୍ମିରଂଜନ ମହାପାତ୍ର କହିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମରେ ପୁଲିସ ମୁତୟନ କରାଯାଇଛି।

# ଗୋରୁବୋଝେଇ କଂଟେନର ଜବତ ଘଟଣାରେ ଡ୍ରାଇଭର ଓ ହେଲପର ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ ନିକଟରୁ ଗୋରୁ ବୋଝେଇ କଂଟେନର ଉଦ୍ଧାର ଘଟଣାରେ ପୁଲିସ କଂଟେନର ଡ୍ରାଇଭର ଓ ହେଲପରକୁ ଗିରଫ କରିଛି । ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାରୁ ଓଆର-୦୨-ଏପି-୭୨୮୪ ନଂ କଂଟେନର ଗାଡିରେ ୪୫ଟି ଗୋରୁ ବୋଝେଇ କରି ଗତ ମଙ୍ଗଳବାର ରାତିରେ କଲିକତା ଅଭିମୁଖେ ଯାଉଥିବା ବେଳେ ଭୁବନେଶ୍ୱର ଅଂଚଳର ଏକ ଗୋସୁରକ୍ଷା ସଙ୍ଗଠନର ସଦସ୍ୟମାନେ ଗାଡିର ପିଛା କରିଥିଲେ । ଭୁବନେଶ୍ୱରରୁ ଗୋରୁ ବୋଝେଇ କଂଟେନରର ପିଛା କରି ରାତି ପ୍ରାୟ ୨ଟା ସମୟରେ ଧର୍ମଶାଳା ଥାନା ବ୍ରାହ୍ମଣୀ ବ୍ରିଜ ନିକଟରେ ଗାଡିକୁ ଅଟକାଇ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଁଚିବା ସମୟରେ କଂଟେନର ଗାଡିର ଡ୍ରାଇଭର ଓ ହେଲପର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପରେ ପୁଲିସ ଏକ ହାଇୱା ଗାଡି ସହାୟତାରେ କଂଟେନର ଗାଡିକୁ କୁଆଖିଆ ଥାନା ରାଜେନ୍ଦ୍ରପୁର ଅଂଚଳକୁ ନେଇ ସେଠାରେ ଗୋରୁଙ୍କୁ ଗାଡିରୁ ବାହାର କରି ସ୍ଥାନୀୟ ଲୋକମାନଙ୍କ ଜିମା ଦେଇଥିଲେ। ପୁଲିସ କଂଟେନର ଗାଡିକୁ ଜବତ କରିବା ସହ ଏନେଇ ୫୨୦/୨୨ରେ ଏକ କେଶ ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଖୋର୍ଦ୍ଧା ବାଲିପାଟଣା ଅଂଚଳର ସେକ ଆବୁ ବସର (୫୨) ଓ ସେହି ଅଂଚଳର ହେଲପର ସେକ ନିଜାମୁଦ୍ଦିନକୁ ପୁଲିସ ଗିରଫ କରିଥିଲା । ଉଭୟ ହେଲପର ଓ ଡ୍ରାଇଭରକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଗାଡି ଓ ଗୋରୁ ମାଲିକଙ୍କୁ ଖୋଜା ଚାଲିଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି ।

# ଶିକ୍ଷକଙ୍କୁ ପ୍ରାଣାନ୍ତକ ଆକ୍ରମଣ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା କେଲୁଅ ନଦୀବନ୍ଧ ରାସ୍ତାର ନୂଆକୂଳ ଗାଁ ନିକଟରେ ଦୁର୍ବୃତଙ୍କ ପ୍ରାଣାନ୍ତକ ଆକ୍ରମଣରେ ଜଣେ ଟ୍ୟୁସନ୍ ଶିକ୍ଷକ ଗୁରୁତର ଆହତ ହୋଇଛନ୍ତି। ଆହତ ଶିକ୍ଷକ ଦେଓଡା ପଞ୍ଚାୟତ ସେରପୁର ଗ୍ରାମର ଅକ୍ଷୟ ଦାଶ (୪୮)ଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ନିକଟସ୍ଥ ଗ୍ରାମରେ ଟ୍ୟୁସନ୍ ସାରି ଶ୍ରୀ ଦାଶ ଏକ ସାଇକଲରେ ଘରକୁ ଫେରୁଥିବା ବେଳେ ଏକ ବାଇକ୍‌ରେ ଯାଉଥିବା ୨ଜଣ ଯୁବକ ଏକ ବାଉଁଶ କିଳାରେ ତାଙ୍କ ମୁଣ୍ଡକୁ ହଠାତ୍ ପିଟିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିଯିବା ସହିତ ସେ ସାଇକଲରୁ ଖସି ପଡ଼ିଥିଲେ। ନିକଟରେ ଥିବା ଲୋକମାନେ ତାଙ୍କୁ ନେଇ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରିଥିଲେ। ଆକ୍ରମଣ ପଛର କାରଣ ଜଣାପଡ଼ିନାହିଁ। ଅକ୍ରମଣ କରି ଦୁର୍ବୃତଦ୍ୱୟ ଘଟଣାସ୍ଥଳରୁ ଫେରାର୍ ହୋଇ ଯାଇଛନ୍ତି ।

# ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଦାବି



ଧର୍ମଶାଳା(ପିଏନ୍): ଧର୍ମଶାଳା ତହସିଲ ବଡ଼କାଏମା ପଞ୍ଚାୟତ ବନ୍ଧୁ ଗାଁ ଛକରେ ଥିବା ଏକ କ୍ୟାବିନ୍ ଗତକାଲି ବିଳମ୍ବିତ ରାତିରେ ଜଳିଯାଇଛି । ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନଥିଲେ ହେଁ, ନିକଟରେ କିଛି ଯୁବକ ଭୋଜି କରିଥିଲେ । ଭୋଜି ସରିବା ପରେ କ୍ୟାବିନ୍ ଜଳୁଥିବା ଦେଖିବାକୁ ମିଳିଥିଲା । ଖବରପାଇ କ୍ୟାବିନ୍ ମାଲିକ ବନ୍ଧୁ ଗ୍ରାମର ଦିଲୀପ ସାମଲ ପହଞ୍ଚି ନିଆଁକୁ ଆୟତ କରିବାପାଇଁ ଚେଷ୍ଟା କରିଥିଲେ ହେଁ, ସେତେବେଳକୁ କ୍ୟାବିନ୍ ସଂପୂର୍ଣ୍ଣ ଜଳିଯାଇଥିଲା । ଏଥିରେ ଥିବା ଦୁଇଟି ସିଲେଇ ମେସିନ୍, ସୋ କେଶ୍, ନୂଆ ପ୍ୟାଣ୍ଟସାର୍ଟ କପଡ଼ା, ସିଲେଇ ହୋଇଥିବା ପ୍ୟାଣ୍ଟସାର୍ଟ ଆଦି ବିଭିନ୍ନ ସିଲେଇ ସାମଗ୍ରୀ ଜଳିଯାଇଛି । ଏସବୁର ମୂଲ୍ୟ ୬୦ହଜାରରୁ ଅଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏ ସଂପର୍କରେ ଶ୍ରୀ ସାମଲ ଧର୍ମଶାଳା ତହସିଲ, ଥାନା ଓ ଚଣ୍ଡିଖୋଲ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି । ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡ ସଂପର୍କରେ ଅନୁଧ୍ୟାନ କରି ଫେରିଛନ୍ତି । ଦିଲୀପ ସିଲେଇ କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

# —ପିତୃପକ୍ଷ: ମହାଳୟା—






ପିତାମାତାଙ୍କ ଋଣ ଜନ୍ମଜନ୍ମାନ୍ତର ନେଇ ଚେଷ୍ଟାକଲେ ବି ଶୁଝାପଡ଼େ ନାହିଁ। ତଥାପି ପୁତ୍ର ସେମାନଙ୍କ ଜୀବଦ୍ଦଶାରେ ବାର୍ଦ୍ଧକ୍ୟରେ ସେମାନଙ୍କୁ ସେବା ଓ ସହାୟତା ଦିଏ ଏବଂ ସେମାନଙ୍କ ମୃତ୍ୟୁ ପରେ ପରାଗତ ଆତ୍ମାର ସଦ୍‌ଗତି ନିମନ୍ତେ ଶୁଦ୍ଧ, ଶ୍ରାଦ୍ଧ ଓ ତର୍ପଣ ଇତ୍ୟାଦି କାର୍ଯ୍ୟକରେ। ଏ ସବୁର ମୂଳରେ ଅଛି ସେମାନଙ୍କ ମୋକ୍ଷ ନିମନ୍ତେ ପିଣ୍ଡଦାନ ଦେବା। ଏମିତି କହିଲେ ପିତୃ ଲୋକାଗତ ଆତ୍ମାର ଉର୍ଦ୍ଧ୍ୱଗତି ବା ସଦ୍‌ଗତି ଲାଭ କରିବା ନିମନ୍ତେ ଶ୍ରାଦ୍ଧ ଓ ତର୍ପଣର କର୍ମ କରାଯାଏ। ଏ ପ୍ରକାର ଶ୍ରାଦ୍ଧ ତାଙ୍କ ମୃତ୍ୟୁ ଦିବସରେ କରାଯାଇଥାଏ ଅଥଚ ମହାଳୟା ଶ୍ରାଦ୍ଧ ପିତୃପକ୍ଷରେ କରାଯାଇଥାଏ। ପିତୃପକ୍ଷ କହିଲେ ଆଶ୍ୱିନ କୃଷ୍ଣ ପ୍ରତିପଦା ଠାରୁ ଅମାବାସ୍ୟା ଯାଏଁ ଦିବସକୁ ବୁଝାଏ। ଏହି ଦିନଗୁଡ଼ିକରେ ପିତୃଗଣଙ୍କ ତୃପ୍ତି ବିଧାନାର୍ଥେ ନିତ୍ୟ ତିଳାଞ୍ଜଳି ଅର୍ପଣ କରାଯାଏ। ଏଭିତରୁ ଯେ କୌଣସି ଦିନ ବିନା ତିଥି ନକ୍ଷତ୍ରରେ ପିତୃପକ୍ଷ ଶ୍ରାଦ୍ଧ ଦିଆଯାଇପାରିବ।



ଆଶ୍ୱିନ କୃଷ୍ଣପକ୍ଷ ହେଉଛି ପିତୃପକ୍ଷ; କିନ୍ତୁ ଅମାବାସ୍ୟା ହେଉଛି ପିତୃତିଥି। ଏହି ଦିନକୁ ପିତୃଗଣଙ୍କ ତିଥି ମହାଳୟ ବୋଲି କୁହାଯାଏ। ଏହି ଦିବସରେ ପୁତ୍ର ପୂର୍ବବର୍ତ୍ତୀ ତିନିପୁରୁଷଙ୍କୁ ଶ୍ରାଦ୍ଧବାଢ଼େ। ପିତା, ପିତାମହ ଓ ପ୍ରପିତାମହ ନିଜ କୁଳର ତିନିପୁରୁଷ; ମାତା, ମାତାମହୀ ଓ ପ୍ରପିତାମହୀ ଏମିତି ମାତୁଳ କୁଳର ତିନି ପରୁଷ ସହିତ ଏକ ଲୁପ୍ତ ପୁରୁଷଙ୍କୁ ଦିଏ। ମଉଳାକୁଳର ସଂପୃକ୍ତ ହେତୁ ମହାଳୟା ଶ୍ରାଦ୍ଧକୁ ମଉଳାଶ୍ରାଦ୍ଧ ମଧ୍ୟ କୁହାଯାଏ। ମୃତ୍ୟୁ ଲୋକରେ ଥାଇ ପୂର୍ବ ପୁରୁଷମାନେ ମହାଳୟା ବା ପିତୃପକ୍ଷରେ ପିଣ୍ଡପାଇଁ ଅପେକ୍ଷା କରିଥାନ୍ତି। ଯଦି ପିଣ୍ଡ ଦିଆନଯାଏ, ସେମାନେ ନିରାଶ ହୋଇ ଫେରିଯାଆନ୍ତି। ଅମାବାସ୍ୟା ଦିନ ଶ୍ରାଦ୍ଧଟି ଅତି ପବିତ୍ର। ଏହିଦିନ ସମସ୍ତ ବ୍ୟକ୍ତି ଏବଂ ଜାତି ଶ୍ରାଦ୍ଧ ଦେଇପାରିବେ। ସାଧାରଣତଃ ଏହି ଶ୍ରାଦ୍ଧ ନିଜର ବାସଗୃହ, ତୀର୍ଥନଦୀ, ପୁଷ୍କରିଣୀ, ସମୁଦ୍ରକୂଳ, ତୁଳସୀ ମୂଳ, ଗୟା, ବଦ୍ରିନାଥ, ବ୍ରହ୍ମକୁଣ୍ଡଳ, ଆମ ଓଡ଼ିଶାର ବିନ୍ଦୁସାଗର, ବୈତରଣୀ କୂଳ ଏବଂ ସର୍ବୋପରି ଶ୍ରୀମନ୍ଦିରରେ ଦିଆଯାଇ-ପାରେ। ପିଣ୍ଡରେ ମହାପ୍ରସାଦ, ପାକାନ୍ନ ବା ଆମାନ୍ନ ବଢ଼ାଯାଇପାରେ। କେବଳ



ପିତୃପୁରୁଷ ଉଦ୍ଦେଶ୍ୟରେ ପିଣ୍ଡଦାନ ଓ ତର୍ପଣ କରାଯାଏ ନାହିଁ। ବିଶ୍ୱଦେବ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଋଷିଗଣ, ବେଦ, ଛନ୍ଦ ଇତ୍ୟାଦି ତୃପ୍ତିବିଧାନ ପାଇଁ ମଧ୍ୟ ଜଳତିଳ ତର୍ପଣ କରାଯାଏ। ଦକ୍ଷିଣ ହସ୍ତର ତର୍ଜନୀ ବା ବୃଦ୍ଧାଙ୍ଗୁଳି ମୂଳରେ ଥିବା ସ୍ଥାନ ପିତୃତୀର୍ଥ ନାମରେ ପରିଚିତ। ଏଣୁ ଶ୍ରାଦ୍ଧ ସମୟରେ ସେହି ମୁଦ୍ରାରେ ପିଣ୍ଡ ଅର୍ପଣ କରାଯଏ। ଶ୍ରାଦ୍ଧ ଜ୍ୟେଷ୍ଠପୁତ୍ର ଦେବା ବିଧେୟ କିମ୍ବା ଜ୍ୟେଷ୍ଠବ୍ୟକ୍ତି ବି ହୋଇପାରନ୍ତି। ପିତାମାତାଙ୍କୁ ପିଣ୍ଡଦାନ ଓ ତର୍ପଣ ଦ୍ୱାର ସେମାନଙ୍କର ସ୍ୱର୍ଗବାସ ହୁଏ ବୋଲି ବିଶ୍ୱାସ। ପୁତ୍ରମାନେ ଏହା ଶ୍ରଦ୍ଧାର ସହିତ ସମାପନା କରିବା ଦ୍ୱାରା ଏହାକୁ ଶ୍ରାଦ୍ଧ କୁହାଯାଏ। ଏଥିରେ ସେ ନିଜେ ପିତୃଋଣରୁ ମୁକ୍ତି ପାଇବା ସହ ନିଜର ପରମଗତି ପାଇଁ ଧର୍ମ ସଂଚୟକରନ୍ତି। ଏଣୁ ଯଥାର୍ଥରେ କୁହାଯାଇଛି:





*"ପିତାଧର୍ମ ପିତାସ୍ୱର୍ଗ ପିତାହିଁ ପରମ ତପଃ/ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବଦେବତା।"*

**ବିପିନବିହାରୀ ମହାନ୍ତି,** ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

# ରାଜ୍ୟ ହସ୍ତତନ୍ତ୍ର ଓ ହସ୍ତଶିଳ୍ପ ବିଭାଗ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ବିକାଶ ପାଇଁ ପ୍ରୋତ୍ସାହନ



ଖୋର୍ଦ୍ଧା (ପିଏନ)-ରାଜ୍ୟ ବୟନ, ହସ୍ତତନ୍ତ୍ର ଏବଂ ହସ୍ତ ଶିଳ୍ପ ବିଭାଗ ଓ ପର୍ଯ୍ୟଟନ ବିଭାଗର ପକ୍ଷରୁ ପର୍ଯ୍ୟଟନ ବିକାଶ ପାଇଁ ପ୍ରୋତ୍ସାହନର ଗଠନମୂଳକ ତଥା ସୁଦୂର ପ୍ରସାରୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ଗ୍ରାମାଚଂଳର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ପର୍ଯ୍ୟଟନ ସହିତ ଶତାବ୍ଦୀ ପୁରୁଣା ହସ୍ତତନ୍ତ୍ର ପରମ୍ପରାକୁ ଏକୀକୃତ କରିବାରେ ରାଜ୍ୟ ସରକାର ସକ୍ରିୟ ପଦକ୍ଷେପ ନେଉଛନ୍ତି। ଏହା କେବଳ ଘରୋଇ ତଥା ବିଦେଶୀ ପରିଦର୍ଶକଙ୍କୁ ଆକର୍ଷିତ କରିବ ନାହିଁ ଏବଂ ଗ୍ରାମାଚଂଳରେ ଜନସାଧାରଣଙ୍କୁ ସେମାନଙ୍କର ସାମାଜିକ ଅର୍ଥନୈତିକ ଉନ୍ନତି ପାଇଁ ସୁଯୋଗ ପ୍ରଦାନ କରିବ । ଜଗତସିଂହପୁର ଜିଲ୍ଲାର ଜୟିପୁର ଠାରେ ଏକ ବୁଣାକାର ଶିଳ୍ପଗ୍ରାମ ବୟନ ଗ୍ରାମକୁ ଉଦଘାଟନ କରାଯାଇଛି। ମାଣିଆବନ୍ଧ ବୌଦ୍ଧ ହସ୍ତତନ୍ତ୍ର ପର୍ଯ୍ୟଟନ ଗ୍ରାମ ଏବଂ ଗୋପାଳପୁର ଟସର ହସ୍ତଶିଳ୍ପ ଅଂଚଳର ବିକାଶ ପାଇଁ କାର୍ଯ୍ୟ ହୋଇଥିବା ବେଳେ ଆହୁରି ଅନେକ କାର୍ଯ୍ୟ ଆଗେଇ ଚାଲିଛି ।ଅନେକ ବିଦେଶି ଏବଂ ଘରୋଇ ପର୍ଯ୍ୟଟକ ଓଡିଶାର ବିଭିନ୍ନ ହ୍ୟାଣ୍ଡଲୁମ କ୍ଲଷ୍ଟର ପରିଦର୍ଶନ କରି ହସ୍ତଶିଳ୍ପ ସମ୍ବନ୍ଧିୟ ବିଭିନ୍ନ କୌଶଳ ଏବଂ ପଦ୍ଧତି ଗୁଡିକ ବ୍ୟବସାୟିକ ଉଦ୍ଦେଶ୍ୟରେ ବୁଝିବା ପାଇଁ ଇଚ୍ଛା ପ୍ରକାଶ କରୁଥିବାର ଦେଖାଯାଏ। କାରିଗର କିମ୍ବା ବୁଣାକାର ସମ୍ପ୍ରଦାୟ ମାନେ ପର୍ଯ୍ୟଟକ/ପରିଦର୍ଶକଙ୍କୁ ଏକ ସୂଚନା ପୂର୍ଣ୍ଣ ତଥ୍ୟ ପ୍ରଦାନ କୌଶଳ ଉପରେ ଅଭିଜ୍ଞତା ରହିବା ଅତ୍ୟନ୍ତ ଆବଶ୍ୟକ। ତେଣୁ ଓଡିଶାର ୭୩ ଟି ହସ୍ତତନ୍ତ୍ର କ୍ଲଷ୍ଟରର ୭୩୦ ଜଣ ମାଷ୍ଟର ବୁଣାକାର /ପୁରସ୍କାରପ୍ରାପ୍ତ ବୁଣାକାର,ଉଦ୍ୟୋଗୀ ବୁଣାକାର/କାରିଗରଙ୍କୁ ଆତିଥ୍ୟ ଏବଂ ପର୍ଯ୍ୟଟନ ପରିଚାଳନା ଉପରେ ସ୍ୱଳ୍ପ ଦକ୍ଷତା ବିକାଶ ଉପରେ ଗୋଟିଏ ଦିନ ତାଲିମ ଦିଆଯିବା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହି ଦୃଷ୍ଟିରୁ ଖୋର୍ଦ୍ଧା ହସ୍ତତନ୍ତ୍ର ଅଂଚଳ (ଜୋନ)ର ବୁଣାକାରମାନଙ୍କ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ୨୦୨୨ ମସିହା ସେପ୍ଟେମ୍ବର ୨୩ ରେ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଖୋର୍ଦ୍ଧାଙ୍କ ଦ୍ୱାରା ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟୁରିଜିମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଂଟ ଦ୍ୱାରା ପରିଚାଳିତ ଏବଂ ରାଜ୍ୟ ହସ୍ତତନ୍ତ୍ର ପୁଞ୍ଜ ବିକାଶ ଆନୁଷ୍ଠାନଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ବୟନ ଶିଳ୍ପ ଉପ ନିର୍ଦ୍ଦେଶକ ଇନ୍ଦ୍ରମଣି କାଣ୍ଡି,ଖୋର୍ଦ୍ଧା ସାଧାକ ର ଦିଲ୍ଲୀପ ବାଗ,ସହକାରୀ ପ୍ରଫେସର ଡକ୍ଟର ବି ସ୍ୱଜନ ଉଦଘାଟନ କରିଥିଲେ ।ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟୁରିଜିମ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଂଟର ବୟନ ତତ୍ତ୍ୱାବଧାରକ ଭବତୋଷ ବେହୁରୀ ,ଦେବ ଘଡେଇ ,ରୋଜାଲିନ ଦାସ,ପ୍ରଣତୀ ସାହୁ, ସାଧାକର ଜ୍ୟୋର୍ତିମୟୀ ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ୨ଟି ଜିଲ୍ଲାର (ଖୋର୍ଦ୍ଧା ଓ ପୁରୀ) ଜିଲ୍ଲା ୩୦ ଜଣ ବୁଣାକାର ଯୋଗଦାନ କରିଥିଲେ। ଏହି ତାଲିମ ପର୍ଯ୍ୟଟକଙ୍କୁ ମୂଲ୍ୟବାନ ସୂଚନା ଆଦାନ ପ୍ରଦାନ କରିବା ସହିତ ପର୍ଯ୍ୟଟକଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବାକୁ ସକ୍ଷମ ଏବଂ ସଶକ୍ତ କରିବ। ହସ୍ତତନ୍ତ୍ର ପୁଞ୍ଜର ପର୍ଯ୍ୟଟନ ବିକାଶ ଏହି ବୁଣାକାର ସମ୍ପ୍ରଦାୟର ଦକ୍ଷତା ବିକାଶ ନିମର୍ତେ ଗୁରୁତ୍ୱପୂର୍ଣ୍ଣ ରଣନୀତି ଭାବରେ ଗ୍ରହଣ କରାଯାଏ ।ସମ୍ପ୍ରଦାୟର ବିକାଶ ସଫଳତା ଓ ଦକ୍ଷତା ବିକାଶ ଉପରେ ତାଲିମ ପ୍ରଦାନ କରାଯାଇଥିଲା।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ସେପ୍ଟେମ୍ବର ୦୧

# ପ୍ରାଚୀନ ଗ୍ରାମ୍ୟ ଜୀବନରେ ପ୍ରାତଃ ନିଦ୍ରାଜାଗରଣ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଘର ପାଖ କମାରଶାଳରେ ଲୋହି ଉପରେ ଗରମ ଲାଲ ଲୁହାକୁ ହାତୁଡ଼ି ପିଟଣାରେ ପିଟିବା ଶବ୍ଦ, ଯଦି କଂସାରୀ ଘର ପାଖରେ ରହୁଥିବା ତେବେ କଂସାବାସନ ତିଆରି ବେଳେ ହାତୁଡ଼ି ପିଟା ଶବ୍ଦ ଖଣ୍ଡେ ଦୂର ବ୍ୟାପୁଥିବ। କୈବର୍ତ୍ତ୍ୟ ଘରେ ଚୁଡ଼ାକୁଟା ଢ଼ିଙ୍କିର ଶବ୍ଦ କାର୍ଯ୍ୟମୁଖର ହୋଇ ଶୁଭୁଥିଲା। ଗ୍ରାମ ତେଲିମହାଜନ ଘରେ ଥିବା କାଠଘଣା ସକାଳୁ ସକାଳୁ କର୍ମମୁଖର ହୋଇ ତେଲ ପେଡ଼ିବା କାର୍ଯ୍ୟରେ ଲାଗିଯାନ୍ତି ଏଥିରେ ଲଗାଯିବା ବଳଦ ଘଣାକୁ ଚକ୍ର ଆକାରରେବ ବୁଲାଇବା ବେଳେ କାଠ ଘର୍ଷଣରୁ ଏକ ଶବ୍ଦ ବହୁ ଦୂରକୁ ଶୁଭିଲା ପରି ବାହାରେ। କାଠ ମିସ୍ତ୍ରୀ ବଢ଼େଇଙ୍କ ଘରେ କାଠ କାଟିବା ଓ କାଠକୁ ଠୋକାର ଦେବା ବେଳେ ଏପରି ଠକ ଠକ ଶବ୍ଦ କରତ କାଠରେ ଚାଲିବା ଶବ୍ଦ କିଛି ଦୂର ଯାଏ ଶୁଭେ। ମୁସଲମାନ ବସ୍ତୀରେ ଥିବା ମସଜିଦରେ ଖୁବ ଉଚ୍ଚରେ ରହି ଜଣେ ବସ୍ତୀ ବାସିନ୍ଦାଙ୍କୁ ଜଣାଇବା ଭଳି ଆହ୍ଲାଙ୍କ ଉଦ୍ଦେଶ୍ୟରେ ରାତି ପାହିଯାଉଛି ବୋଲି ଜାଗରଣ କରୁଥିବେ। ଅନେକ ଦେବ ମନ୍ଦିରରେ ଦିଅଁଙ୍କ ଉଦ୍ଦେଶ୍ୟରେ ସକାଳ ଆରତି ବେଳେ ଶଙ୍ଖ, କାହାଳୀ, ଘଣ୍ଟ ବାଜୁଥିବ। ସୁନା ଅଳଙ୍କାର ପିନ୍ଧିଥିବା ମହିଳାମାନେ ସକାଳ ସୂର୍ଯ୍ୟ ଉଦୟ ପାଖାପାଖି ସୁନା ଅଳଙ୍କାର ଥଣ୍ଡା ଅନୁଭବ କରାଉଥିବ। ପ୍ରତ୍ୟେକ ସୁସ୍ଥ ଶରୀରଧାରୀ ବ୍ୟକ୍ତିଙ୍କୁ ପରିସ୍ରା ଝାଡ଼ା ଲାଗୁଥିବ। ଝାଡ଼ା ଲାଗୁ ନ ଲାଗୁ ସକାଳୁ ପାଖ ପଡ଼ିଆ ରାସ୍ତାକଡ଼ ନାଳବନ୍ଧବାଡ଼କୁ ବହୁଲୋକ ଝାଡ଼ା ଆସିବା ନିଶ୍ଚିତ। ଭିଡ଼ରୁ ରକ୍ଷା ପାଇଁ ଅନେକ ସକାଳୁ ସକାଳୁ ଉଠି ସେ କାମ ସାରିବାକୁ ତତ୍ପର ହେଉଥିଲେ। ଅନେକ ନବ ବଧୂ ସଅଳ ସଅଳ ଉଠି ଘର ପାଖ ପଡ଼ିଆକୁ ଝାଡ଼ା ଫେରି ନିକଟ ପୋଖରୀକୁ ଯାଇ ସ୍ନାନ ଶୌଚ ହେଉଥିଲେ। ପୂର୍ବେ ଚାହାଳିଆ ଚାଟ ମାଷ୍ଟ୍ର ଆପଣଙ୍କର ବେତର ଶୂନରୁ ବଢ଼ି ୧-୨-୩ କ୍ରମରେ ଆସି ଗୁରୁଜୀଙ୍କ ସାନ୍ନିଧ୍ୟରେ ରୋଲକଲ ଚିହ୍ନଟ ପାଇ ସଅଳ ସଅଳ ଚାଟଶାଳୀରେ ପହଞ୍ଚିବା ପାଇଁ ଧାଉଡ଼ି କରିବା ଆରମ୍ଭ କରୁଥିଲେ। ହରିଜନ ସାହିରେ ଗଞ୍ଜାକୁ କୁକୁଡ଼ା ଅଟେଇରେ ଥିଲେ ବି କୁକୁଡାଟି ବୋବେଇ ଉଚ୍ଛନ୍ନ କରୁଥିଲା। ପରେ ପରେ ସମସ୍ତେ ନିତ୍ୟକର୍ମରେ ଲାଗି ଯାଉଥିଲେ। ଚାଷୀ ଘରେ ସବୁ ଦିନେ ବିଲକାମ ନଥିଲେ ବି ଗାଈ ବଳଦ ସେବା ନିତ୍ୟକର୍ମ ପୁଣି ବାଡ଼ିରେ, ଢ଼ିଅ ଜମିରେ ଲଗାଇଥିବା ପନିପରିବା ଫସଲରେ ପାଣି ମଡ଼ାଇବା ପାଇଁ ପୋଖରୀରୁ ଯନ୍ତ, ଟେଣ୍ଡା ଆଦି ପାଣି ଉଠାଇବା କାର୍ଯ୍ୟ ପାଇଁ ବାହାରି ଯାଆନ୍ତି। ଚାଷ ବେଳେ ଧାନ କ୍ଷେତ କର୍ମରେ କାର୍ଯ୍ୟ ପାଇଁ ବାହାରି ଯାଆନ୍ତି। ଚାଷ ବେଳେ ଧାନ କ୍ଷେତ କର୍ମରେ ବୁଣା, ରୁଆ, ବଛାବଛି ପାଣି ଦେଖିବା, ପୋକ ଦେଖିବା ଫସଲ ଖେତକୁ ପଶୁ ପକ୍ଷୀ ଚୋର ଆଗରୁ ରକ୍ଷା କରିବାରେ ଲାଗି ରହିବା ଧାନ ପାଚିଲେ କାଟିବା, ବୋହି ଆଣିବା ବେଙ୍ଗଳା ପକାଇବା, ଉଡାଇ ଧାନ ପରିଷ୍କାର କରିବା, ଖରା ଦେବା, ଖଣି ପକାଇବା ବା ଅମାରରେ ରଖିବା, ବିହନ ରଖିବା ପରି କର୍ମରେ ସର୍ବଦା ଲାଗି ରହିବା ଦେଖାଯାଉଥିଲା। ସମସ୍ତଙ୍କ ସହଯୋଗରେ ଗ୍ରାମର ଲୋକେ ଜୀବିକା ଚଳାଇବା ସହିତ ନିରାପଦରେ ପରସ୍ପରକୁ ସହାୟକ ହେଉଥିଲେ। ଭାଇଚାରାରେ ଗ୍ରାମ ଚାଲୁଥିଲା। ଗ୍ରାମରେ ଧନୀ ଦରିଦ୍ର ରହିଲେ ବି ଦରିଦ୍ରମାନେ ଧନୀ ମାନଙ୍କର ଜମି ଜମା ବୃତ୍ତିରେ ସହାୟକ ହୋଇ ଗୁଜୁରାଣ ମେଣ୍ଟାଉ ଥିଲେ। ଡରଭୟ ନଥିଲା। ତେବେ ମୁରବୀ ଡର ଗୋସେଇ ଗ୍ରାମରେ ଓ ଘରେ ରହିଥିଲେ। ବଡ଼ ବଡ଼ ସମସ୍ୟା ଗ୍ରାମର ସ୍ୱ ସ୍ୱ ପାଟକଙ୍କ ମଧ୍ୟରେ ବା କିଛି ଗୁରୁତର ଛତିଶ ନ୍ୟାୟରେ ସମାଧାନ ହେଉଥିଲା। ବିବାହାଦି ସଂସ୍କାର କାର୍ଯ୍ୟରେ ଗ୍ରାମ୍ୟ ଜନ କାର୍ଯ୍ୟଗ୍ରାହୀକୁ ସହଯୋଗ ପୂର୍ଣ୍ଣ ପ୍ରାଣରେ କରୁଥିଲେ। ଦରିଦ୍ର ଘରେ ଯଦି କେହି କନ୍ୟା ବିବାହ କରୁଥିଲା ତାକୁ ଅର୍ଥରେ ଦ୍ରବ୍ୟରେ ସାହି ପଡ଼ୋଶୀ ଜାତିଭାଇ ସହାୟକ ହେଉଥିଲେ। ବିଭିନ୍ନ ପାଟକଙ୍କୁ ଧୋବା, ବାରିକ, କୁମ୍ଭାର, ସେବା ଦେଉଥିଲେ ଏକ ମୃତାହତ ବିବାହ ଆଦି ଧୋବା ବାରିକ ନ ହେଲେ କାର୍ଯ୍ୟ ଅନେକ ପ୍ରତିବନ୍ଧକ। କୁଲା ବାଉଁଶିଆ, ବିବାହ କର୍ମକୁ ଦରକାର। ଏ ପାଇଁ ପାଖ ଡମ ଘରୁ ଏସବୁ ଅଣାଯାଉଥିଲା। ଘର ତିଆରିରେ ମାଟି ବୋଳିବା କାର୍ଯ୍ୟ ପାଇଁ ଠୋକେଇ ଗାଣ୍ଡୁଆ, ଝୁଡ଼ି ଦରକାର ଏହା ବି ସେଇ ପାଣ ବା ଡମଘରୁ ଅଣାଯାଉଥିଲା। ପ୍ରତିଘରେ ଶସ୍ୟ ମାପିବା ପାହିଲି ଗୌଣୀ ଏଇ ପାଣ ବା ଡମ ମାନେ ଯୋଗାଉଥିଲେ। ବିବାହ ବ୍ରତ ଆଦି ବାଦ୍ୟ ଆବଶ୍ୟକ ଢ଼ୋଲ ନାଗରା ମହୁରୀ ଆଦି ବଜାଇବାକୁ ଏପରି ପାଟକ ମାନଙ୍କୁ ବିବାହ କାର୍ଯ୍ୟରେ ଜଡ଼ିତ କରାଯାଏ ଏପରିକି ବରପଟୁଆରେ ଏଇ ମାନେ ହିଁ ଆଗେଇ ବାଦ୍ୟ ବଜାଇ ଚାଲନ୍ତି। ଏ ପାଟକ ସ୍ୱର୍ଗରେ ବି ଅଛନ୍ତି, ଦୁନ୍ଦୁଭି ନାଦକାରୀ ଏ ମାନଙ୍କର ପାଟକରେ ଆସନ୍ତି। ଏମାନେ ଘୋର ଅବହେଳିତ ଓ ସଦାବୃତ୍ତିରୁ ବିମୁଖ। ବିବାହରେ ବ୍ୟାଣ୍ଡପାର୍ଟି ତେଲିଙ୍ଗିବାଦ୍ୟ ଏବେ ବହୁ ଅର୍ଥ ପାଉଛନ୍ତି। ଅପେରା ପାର୍ଟିରେ କନସେଟ ପାର୍ଟି ରହିଛନ୍ତି ହେଲେ ଅନ୍ୟ ପାଟକ ଲୋକେ ଏହାକୁ ବୃତ୍ତି ରୂପେ ଧରିଲେଣି। କାରଦ୍ୱାର ଶୁଣ୍ଡି ପିଣ୍ଡା ଏକ ଲୋକ ଶୃତି ଅଛି ଶୁଣ୍ଡି ବା ଶୌଣ୍ଡିକ ମାନେ ମଦ୍ୟ ବିକ୍ରେତା। ଏମାନେ ଏବେ ବଂଶାନୁକ୍ରମିକ ଏ ବୃତ୍ତିରେ ନିମଗ୍ନ ନୁହଁନ୍ତି। ମଦ ବେପାରରେ ଭଲ ଲାଭ ବୋଲି ଯେକେହି ଜାତି ଏହାକୁ ବୃତ୍ତିରେ ଧରିନେଲେଣି। ମଦ୍ୟପ ମାନେ କୌଣସି ପିତୃକାର୍ଯ୍ୟ, ଦେବକାର୍ଯ୍ୟରେ ଘୋର ବାରଣ ଏପାଇଁ ଏମାନେ ପ୍ରାୟଶ୍ଚିତ କରିବାକୁ ପଡ଼େ ଏବେ ଏହା ଗୌଣ ବା ନାଁ କୁମାତ୍ର ପ୍ରାୟଶ୍ଚିତ। ଗ୍ରାମ୍ୟ ଜୀବନ ତୁଚ୍ଛନଚ୍ଛ, ଲୁଣମରା ଆନ୍ଦୋଳନରୁ ଭାରତ ସ୍ୱାଧୀନ ହୋଇଥିଲା। କେହି ଲୋକ ବର୍ତ୍ତମାନ ସେହି ଗ୍ରାମ୍ୟ ଦେଶୀ ଲୁଣ ଖାଉନାହାଁନ୍ତି। ଗ୍ରାମର ବହୁ ବୃତ୍ତି ଏବେ ଲୁପ୍ତ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ବସ୍ତାନି ବୋଝ ବୋହି ଛାତ୍ରଛାତ୍ରୀ ବେହାଲ


ଡକ୍ଟର ତପନ କୁମାର ପାଲ

ଓଜନିଆ ବସ୍ତାନୀ ଧରି ଛାତ୍ରଛାତ୍ରୀ ସ୍କୁଲ ଆସିବେ ନାହିଁ। ବ୍ୟାଗର ଓଜନ ଛାତ୍ରଛାତ୍ରୀଙ୍କ ଓଜନର ସର୍ବାଧିକ ୧୦ ପ୍ରତିଶତ ରହିବ। ଏହାଠାରୁ ଅଧିକ ହେଲେ ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କୋମଳମତି ପିଲାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଉତ୍ତମ ସନ୍ତୁଳନତା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସ୍କୁଲ ବ୍ୟାଗ ନୀତି ମସିହାରେ ଲାଗୁ କରିଥିଲେ। ଶିକ୍ଷାନୁଷ୍ଠାନ ସ୍ତରରେ ଏହି ନୀତିର ନିୟମିତ ତଦାରଖ ପାଇଁ ମଧ୍ୟ ପ୍ରାବଧାନ ରଖିଥିଲେ। ହେଲେ ମନ୍ତ୍ରଣାଳୟର ଏହି ଯୋଜନା କେବଳ ଘୋଷଣାନାମାରେ ହିଁ ସୀମିତ। ଚାରି ବର୍ଷରେ ପରେ ବି ବାସ୍ତବ କାର୍ଯ୍ୟକାରିତା ଶୂନ ଭଳି ଲାଗୁଛି। ବସ୍ତାନି ବୋଝ ବୋହି ବୋହି ବେହାଲ ଏବେ ଛାତ୍ରଛାତ୍ରୀଙ୍କ ଅବସ୍ଥା। କେନ୍ଦ୍ରଶିକ୍ଷା ମନ୍ତ୍ରଣାଳୟର ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ନୂଆ ସ୍କୁଲ ବ୍ୟାଗ ନୀତି ଲାଗୁ କରାଯିବା ସହିତ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଏହାର କଡ଼ାକଡ଼ି ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ପିଲାଙ୍କ ପାଇଁ ଶ୍ରେଣୀ ଅନୁଯାୟୀ ବ୍ୟାଗର ଓଜନ ମଧ୍ୟ ନିର୍ଦ୍ଧାରଣ କରାଯାଇଥିଲା। ପ୍ରାକ ପ୍ରାଥମିକ ପିଲାଙ୍କ ଲାଗି ବ୍ୟାଗ ଆଦୌ ନ ଦେବା ପାଇଁ ନିର୍ଦ୍ଦେଶ ରହିଥିବାବେଳେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ବ୍ୟାଗର ହାରାହାରି ଓଜନ ୧.୬-୨.୨ କେଜି ନିର୍ଦ୍ଧାରଣ କରାଯାଇଥିଲା। ସେହିପରି ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ବ୍ୟାଗର ଓଜନ ଅଢ଼େଇ କେଜି ନିର୍ଦ୍ଧାରଣ ହୋଇଥିବାବେଳେ ଷଷ୍ଠ, ସପ୍ତମ ଶ୍ରେଣୀ ପିଲାଙ୍କ ବ୍ୟାଗ ଓଜନ ୨ରୁ ୩କେଜି, ଅଷ୍ଟମ ଶ୍ରେଣୀ ପିଲାଙ୍କର ସର୍ବାଧିକ ୪ କେଜି ଏବଂ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ବ୍ୟାଗର ଓଜନ ସର୍ବାଧିକ ୪.୫ କେଜି ନିର୍ଦ୍ଧାରଣ କରାଯାଇଥିଲା। ଏହାର ତଦାରଖ ପାଇଁ ପ୍ରତି ସ୍କୁଲରେ ଓଜନ କଣ୍ଟଶ ଲଗାଯିବା ସହିତ ଶିକ୍ଷା ବିଭାଗର ଅଧିକାରୀମାନେ ବିଭିନ୍ନ ସମୟରେ ଗସ୍ତ କରି ଏହାକୁ ଯାଞ୍ଚ ଲାଗି ପରାମର୍ଶ ଦିଆଯାଇଥିଲା। ଯାହାକି ସେମାନଙ୍କ ଶରୀର ଉପରେ ଗୁରୁତର ପ୍ରଭାବ ପକାଉଛି। ତେଣୁ ଏନସିଇଆରଟିର ମାର୍ଗଦର୍ଶିକା ପାଳନ ଦିଗରେ ସ୍କୁଲ କର୍ତ୍ତୃପକ୍ଷ ଧ୍ୟାନ ଦେବା ଦରକାର। ପିଲାଙ୍କୁ ଅତ୍ୟଧିକ ଓଜନର ବ୍ୟାଗ ନ ନେଇ ସ୍କୁଲରେ ହିଁ ବହି ରଖିବାର ବ୍ୟବସ୍ଥା କରିବା ଲାଗି ଶିକ୍ଷା ମନ୍ତ୍ରଣାଳୟର ମାର୍ଗଦର୍ଶିକା କହିଥିଲେ। ତେବେ ଏ ନେଇ ଅଭିଯୋଗ ତୁରନ୍ତ ସମାଧାନ ପାଇଁ ଶିକ୍ଷାବିତ ଓ ଅଭିଭାବକ ମହଲରୁ ଦାବି ହେଉଛି।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ, ଦୂରଭାଷ : ୯୯୩୭୬୮୩୬୭୨*

# ନକଲି ଆପ୍ ଓ ସାଇବର ଠକଙ୍କ ମାୟା ଜାଲରେ କୁହୁକ

ରାତାରାତି ବଡ଼ଲୋକ ହେବା ପାଇଁ ଆମ ଗହଣରେ ଥିବା ଅନେକ ଲୋକ ଇଛା ରଖନ୍ତି। ବିନା ପରିଶ୍ରମରେ ଘରେ ବସି କିପରି ଗୋଡ଼ ଲମ୍ୱାଇ ବଡ଼ ଲୋକ ହୋଇଯିବ ଏହି ଚିନ୍ତାଧାରା ହିଁ କିଛି ଲୋକଙ୍କ ପାଇଁ କେବଳ ବିପଜ୍ଜନକ ସାବ୍ୟସ୍ତ ହୋଇନଥାଏ ବରଂ ଜଣ ଜଣଙ୍କୁ ଅର୍ଥସ୍ୱାନ୍ତକରି କାଙ୍ଗାଳ କରିଦିଏ। ଆଉ କେହି କେହି ଅନ୍ୟ ବ୍ୟକ୍ତି ବା ସଂସ୍ଥା ଠାରୁ ଆଣିଥିବା କରଜ ସୁଝିବା ପାଇଁ ନିଜ ମୂଲ୍ୟବାନ ଜୀବନକୁ ହାରିବା ପାଇଁ ବାଧ୍ୟ ହୋଇଥାନ୍ତି। ସାଇବର ଠକମାନେ ଅନଲାଇନ ଟ୍ରେଡିଂ ନାମରେ କୋଟି କୋଟି ଟଙ୍କା ଲୁଟ କରି ଅନେକଙ୍କୁ ରାସ୍ତା କଡ଼ରେ ଭିକାରୀ କରିଦେଉଥିଲେ ମଧ୍ୟ ଏ ଖବରକୁ ଲୋକମାନେ ଗଣମାଧ୍ୟମରୁ ଜାଣିବା ସତ୍ତ୍ୱେ ନିଜକୁ ସୁଧାରି ପାରୁନାହାଁନ୍ତି। ଆଜିକାଲି ଠକମାନେ ଅନଲାଇନର ବଡ଼ ସାହାଯ୍ୟ ନେଉଛନ୍ତି। କାରଣ ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ କୌଶଳ ଏଥିରେ ରହିଥିବାରୁ ଲୋକମାନଙ୍କ ପାଖକୁ ପ୍ରତିଦିନ ସେମାନଙ୍କ ହାତ ପାଖରେ ଥିବା ମୋବାଇଲ ଫୋନକୁ ଅନେକ ମିଛ ପ୍ରଲୋଭନର ସୂଚନା ଆସୁଛି। ଲୋକମାନେ ଏ ସମ୍ୱନ୍ଧରେ କୌଣସି ତଦନ୍ତ ନକରି ବା ଭଲ ଭାବେ କୌଣସି ତଥ୍ୟ ସଂଗ୍ରହ ନକରି କିପରି ଇଜି ମନି ରୋଜଗାର ଦ୍ୱାରା ବଡ଼ଲୋକ ହୋଇଯିବେ ଏହି ଚିନ୍ତାଧାରା ହିଁ ସେମାନଙ୍କୁ ତଳିତଳାନ୍ତ କରିଦେଉଛି।

ଦିନକୁ ଦିନ ଉଦବେଗଜନକ ଭାବେ ରାଜ୍ୟରେ ସାଇବର ଠକ ଓ ଅନ୍ୟ ସାଇବର ଠକଙ୍କ ଅପରାଧର ଉତ୍ପାତ ଭୟାନକ ଭାବେ ବଢ଼ିବାକୁ ଲାଗିଲାଣି। ଓଡ଼ିଶାରୁ କେବଳ ଗୋଟିଏ ବର୍ଷରେ ଏହି ଧୂର୍ତ୍ତମାନେ ୧୯୩କୋଟି ଟଙ୍କାର ହାତ ସଫେଇ କରିଛନ୍ତି। ୨୦୨୨ ତୁଳନାରେ ୨୦୨୩ରେ ରାଜ୍ୟରେ ସାଇବର ଅପରାଧ ସଂଖ୍ୟା ବଢ଼ିଛି। ରାଜ୍ୟରେ କ୍ରାଇମ ବ୍ରାଞ୍ଚ, ୧୪ଟି ସାଇବର ଥାନା ଓ ୧୯୩୦ଟି କଲ ସେଣ୍ଟରର ତଥ୍ୟ ମୁତାବକ ଏତିକ ଠକେଇ ହୋଇଛି। ରାଜ୍ୟରେ କ୍ରାଇମ ବ୍ରାଞ୍ଚ ଓ ସାଇବର ଥାନାର ତଥ୍ୟ ମୁତାବକ ଗତ ୨୦୨୩ରେ ୪୭କୋଟି ୭୫ଲକ୍ଷ ୯୯, ୭୯୬ ଟଙ୍କା ହାତ ସଫେଇ ହୋଇଛି। ତେବେ କଲ ସେଣ୍ଟରର ତଥ୍ୟ ଅନୁଯାୟୀ ୨୦୨୩ରେ ୬୭ କୋଟି ୪୦ଲକ୍ଷ ୯୬ ହଜାର ୧୮୮ ଟଙ୍କାର ଲୁଟ କରିଛନ୍ତି ଏହି ଅଦୃଶ୍ୟ ଠକମାନେ। କିନ୍ତୁ ଏ ତୁଳନାରେ ସାଇବର ଠକଙ୍କ ଠାରୁ ଲୁଟ ଅର୍ଥ ଫେରସ୍ତ ପାଇବାର ପରିମାଣ ବହୁତ କମ। ସାଇବର ପୁଲିସ ବିଭାଗ ବ୍ୟାଙ୍କ ଆକାଉଣ୍ଟର ଖୋଳତାଡ଼ କରି ମାତ୍ର ୭କୋଟି ୬୨ ଲକ୍ଷ ୪୯ ହଜାର ୫୩୮ ଟଙ୍କା ଠକାମୀର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଫେରାଇ ପାରିଥିବାବେଳେ ଆକାଉଣ୍ଟ ଫ୍ରିଜ୍ କରି ମାତ୍ର ୨୫ କୋଟି ୧୭ ଲକ୍ଷ ୭୨ ହଜାର ୪୭୨ ଟଙ୍କାକୁ ଅଟକ ରଖିପାରିଛନ୍ତି।

ଦିନକୁ ଦିନ ସାଇବର ଅପରାଧୀଙ୍କ ବଡ଼ ଅସ୍ତ୍ର ପାଲଟିଛି ବିଭିନ୍ନ ନକଲି ଆପ। ନକଲି ଆପ୍ଲିକେସନ ତିଆରି କରି ଲୋକଙ୍କୁ ବିଭିନ୍ନ ମିଥ୍ୟା ପ୍ରଲୋଭନର ଜାଲରେ ଆକୃଷ୍ଟ କରୁଛନ୍ତି। ବିଭିନ୍ନ ଲୋଭନୀୟ ମେସଜ ଦ୍ୱାରା ନକଲି ଆପର ଲିଙ୍କ ପଠାଇବା ସହ ଡାଟାବେସ ଦ୍ୱାରା ମୋବାଇଲ ନମ୍ବର ସଂଗ୍ରହ କରି ଲୋକମାନଙ୍କ ପଦପଦବୀ, ଆର୍ଥିକ ସ୍ଥିତି, ଦୈନନ୍ଦିନ ଆବଶ୍ୟକତା ଓ ଆଦବ କାଇଦାକୁ ଲକ୍ଷ୍ୟ ରଖି ଏହି ନେଟୱାର୍କ ବେଶ ନିଧଡ଼କରେ ଚଳାଉଛନ୍ତି। ଜଣେ ଏହି ଲିଙ୍କକୁ ଖୋଲି ନକଲି ଆପକୁ ଅକସ୍ମାତ ନିଜ ଅଜାଣତରେ ଡାଉନଲୋଡ଼ କରିବା ଅର୍ଥ ଆପଣ ଅଦୃଶ୍ୟ ସାଇବର ଠକଙ୍କ ମାୟାଜାଲରେ ଫଶିଲେ। ଏମାନେ ମୋବାଇଲକୁ ହ୍ୟାକ କରି ଆଉ କେତେକ କ୍ଷେତ୍ରରେ ବ୍ଲାକମେଲିଂ ଜରିଆରେ ଜଣକୁ କାଙ୍ଗାଳ ବନାଇ ଦେଉଛନ୍ତି। ଟ୍ରେଡିଂ ନିବେଶ ନାଁରେ ମିଛ ଆକାଶ ଛୁଆଁ ପ୍ରତିଶ୍ରୁତି ଦେଖାଇ ଲୋନ ଆପରେ ଲୁଟୁଛନ୍ତି ତ ବିଭିନ୍ନ ମାଧ୍ୟମରେ ଲୋକମାନଙ୍କୁ ପ୍ରଲୋଭିତ କରୁଛନ୍ତି। ବର୍ତ୍ତମାନ ସମୟରେ ଅନଲାଇନ ସପିଂ ଠାରୁ ପାର୍ଟ ଟାଇମ ଚାକିରୀ, ବିଟ କଏନ ଠାରୁ ଅନଲାଇନ ଡେଲିଭେରି ଏପରିକି କୋରିୟର ସଂସ୍ଥା ନାଁରେ ଶହ ଶହ ନକଲି ଆପ ସକ୍ରିୟ ରହିଛି। ଦିନକୁ ଦିନ ଉଦବେଗଜନକ ଭାବେ ନ୍ୟାସନାଲ ସାଇବର କ୍ରାଇମ ପୋର୍ଟାଲରେ ଏଭଳି ନକଲି ଆପ୍ ଠକେଇକୁ ନେଇ ଶହ ଶହ ଅଭିଯୋଗ ପହଞ୍ଚୁଛି। ସେହିପରି ଆପଲ ଆପ୍ ଷ୍ଟୋର ଓ ଆଣ୍ଡ୍ରଏଡ ଫୋନ ମାଧ୍ୟମରେ ମାଳ ମାଳ ନକଲି ଆପର ମାୟାଜାଲ ଏତେ ସୁସଂଗଠିତ ର୍ୟାକେଟ ଦ୍ୱାରା ଚାଲୁଛି ଯେ ପୋଲିସ ଓ ତଦନ୍ତକାରୀ ସଂସ୍ଥା ଏମାନଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ କାଠିକର ପାଠ ହୋଇଯାଉଛି। ଓଡ଼ିଶାରେ ଏହି ନେଟୱାର୍କକୁ ଚଳାଉଥିବା ଗ୍ରୁପ ହାୱାଲ କାରବାରରେ ମଧ୍ୟ ଜଡ଼ିତ ଥିବାର ତଥ୍ୟ ସାଇବର ଟିମ ପାଇଛି। ମୁଖ୍ୟତଃ ଏମାନେ ଗୁଜୁରାଟ, ତାମିଲନାଡ଼ୁ, ମହାରାଷ୍ଟ୍ର ଓ ରାଜସ୍ଥାନ ରାଜ୍ୟରେ ରହି ଭାରତର ବିଭିନ୍ନ ରାଜ୍ୟର ଲୋକମାନଙ୍କ ଆକାଉଣ୍ଟକୁ ଟାର୍ଗେଟ କରୁଛନ୍ତି। ନକଲି ଆପରୁ ଲୋକେ କିଭଳି ନିଜକୁ ସୁରକ୍ଷିତ ରଖିପାରିବେ ସେନେଇ ସର୍ବପ୍ରଥମେ ବୈଧ ୱେବସାଇଟ କିମ୍ବା ଅନୁମତିପ୍ରାପ୍ତ ଆପ୍ ଷ୍ଟୋର ପ୍ଲେ ଷ୍ଟୋର, ଆପଲ ଷ୍ଟୋର ଭଳି ଭରସାଯୋଗ୍ୟ ଉତ୍ସରୁ ହିଁ ଟ୍ରେଡିଂ କିମ୍ବା ଅନ୍ୟ ଆପଗୁଡ଼ିକ ଡାଉନଲୋଡ଼ କରନ୍ତୁ। ଏନେଇ ସତର୍କତାର ସହ ସମସ୍ତ ତଥ୍ୟ ସଂଗ୍ରହ କରି ଏହାର ଭଲ ଭାବେ ଯାଞ୍ଚ ମଧ୍ୟ କରନ୍ତୁ। କୌଣସି ପରିସ୍ଥିତିରେ ମଧ୍ୟ ପ୍ରସ୍ତାବଟି ଯେତେ ଲୋଭନୀୟ ଥିଲେ ବି ଏପିକେ ଫାଇଲ ଅର୍ଥାତ୍ ଆଣ୍ଡ୍ରଏଡ଼ ପ୍ୟାକେଜ ମୋଡ଼ରେ ଆପ ଡାଉନଲୋଡ଼ ପାଇଁ ଲିଙ୍କ ସହ ଅଫର ଆସୁଥିଲେ ଆଦୌ ଡାଉନଲୋଡ଼ କରନ୍ତୁ ନାହିଁ। ବିଭିନ୍ନ ୱେବସାଇଟ, ଅନଲାଇନ ବିଜ୍ଞାପନ, ସୋସିଆଲ ମିଡିଆ ପୋଷ୍ଟରେ ପଠାଯାଉଥିବା ଆପ୍, ପ୍ଲେ ଷ୍ଟୋରରେ ଥିବା କିଛି ଅନାବନା ଆପକୁ ମଧ୍ୟ ଡାଉନଲୋଡ଼ କରନ୍ତୁ ନାହିଁ। ଏ କ୍ଷେତ୍ରରେ ବ୍ୟକ୍ତିଗତ ତଥ୍ୟ ଦେବା ଠାରୁ ଦୂରେଇ ରହିବା ସହ ଏ ନେଇ ସେହି ସାଇଟରେ ପୂର୍ବରୁ ଲୋକମାନେ ଦେଇଥିବା ମତ ଓ ମନ୍ତବ୍ୟକୁ ଧ୍ୟାନ ଦିଅନ୍ତୁ। ଡେଭଲପରଙ୍କ ୱେବସାଇଟକୁ ଯାଇ ଆପ ସମ୍ପର୍କିତ ତଥ୍ୟ ଯାଞ୍ଚ କରନ୍ତୁ ଓ ଆପର ଗୋପନୀୟତା ଦିଗକୁ ଭଲ ଭାବେ ପଢ଼ନ୍ତୁ। କୌଣସି ଆପ ଚଳାଇବା ପାଇଁ କେବଳ ଆବଶ୍ୟକ ଅନୁମତି ଦିଅନ୍ତୁ। ଫଟୋ ଗ୍ୟାଲେରି, ଭଏସ ଭଳି ଗୋପନୀୟ ତଥ୍ୟ ସମ୍ବଳିତ ଅନୁମତି ଦିଅନ୍ତୁ ନାହିଁ। ମୋବାଇଲରେ ପେଡ଼ ଆଣ୍ଟି ଭାଇରସ ସଫ୍ଟୱେର ବ୍ୟବହାର କରନ୍ତୁ, ଯାହା ସାଇବର ଆକ୍ରମଣରୁ ମୋବାଇଲକୁ ସୁରକ୍ଷା ଦେବ। ବିଭିନ୍ନ ଆକାଉଣ୍ଟ ପାଇଁ ଅଲଗା ଅଲଗା ଶକ୍ତିଶାଳୀ ସ୍ୱତନ୍ତ୍ର ପାସୱାର୍ଡ଼ ବ୍ୟବହାର କରନ୍ତୁ ଏବଂ ନିୟମିତ ବ୍ୟବଧାନରେ ସେଗୁଡ଼ିକୁ ପରିବର୍ତ୍ତନ କରନ୍ତୁ। ଯଦି ଆପଣ ଏକ ନକଲି ଆପ ଡାଉନଲୋଡ଼ କରିଦେଇଛନ୍ତି, ତେବେ ବ୍ୟସ୍ତ ନହୋଇ ପଡ଼ି ତୁରନ୍ତ ଏହି ଆପକୁ ତୁରନ୍ତ ଅନଇନଷ୍ଟଲ କରନ୍ତୁ। କୌଣସି ଆକାଉଣ୍ଟର ଗୋପନୀୟତା କିମ୍ବା ସୁରକ୍ଷା ଭଙ୍ଗ ହୋଇଥିବା ଅନୁଭବ କରୁଛନ୍ତି ତେବେ ତୁରନ୍ତ ପାସୱାର୍ଡ଼ ପରିବର୍ତ୍ତନ କରନ୍ତୁ। ବ୍ୟାଙ୍କ ଓ ଅନଲାଇନ ଆକାଉଣ୍ଟ ଉପରେ ନଜର ରଖନ୍ତୁ। ସନ୍ଦିଗ୍ଧ ଆପ ସମ୍ପର୍କରେ ତୁରନ୍ତ ଥାନାରେ ରିପୋର୍ଟ କରନ୍ତୁ। କାରଣ ଆପଣଙ୍କ ଏହି ସତର୍କତା ଆପଣଙ୍କ ସହିତ ଅନ୍ୟ ମାନଙ୍କୁ ମଧ୍ୟ ନିଶ୍ଚିନ୍ତ ବିପଦରୁ ରକ୍ଷା କରିପାରିବ। ଏହି ଅଦୃଶ୍ୟ ଠକମାନେ ଏହା ସହିତ ଅନଲାଇନ ଲୋନ ଆପ୍, ସପିଂ ସାଇବ, ଫ୍ରି ରିଚାର୍ଜ, ଗିଫ୍ଟ, ଲଟେରି ଲୋଭ ଦେଖାଇ ସାଇବର ଠକମାନେ କୋଟି କୋଟି ଟଙ୍କା ଲୁଟୁଛନ୍ତି। ସେହିପରି କମ ସମୟ ମଧ୍ୟରେ ଟଙ୍କାକୁ ଦୁଇଗୁଣା, ଚାରିଗୁଣା ଓ ୫୦ ଗୁଣା ଫେରସ୍ତ ଲୋଭ ଦେଖାଉଛନ୍ତି ସାଇବର ଅପରାଧୀ। ଏହି ଅନଲାଇନ ଚିଟଫଣ୍ଡ ଜାଲରେ ପଡ଼ି କଷ୍ଟାର୍ଜିତ ଅର୍ଥ ହରାଉଛନ୍ତି ଲୋକେ। ଏବେ ରାଜ୍ୟରେ ଶହ ଶହ ସଂଖ୍ୟାରେ ଅନଲାଇନ ଚିଟଫଣ୍ଡ ଚଳାଉଛନ୍ତି ସାଇବର ଅପରାଧୀ। ପ୍ରଥମରୁ ଥିବା ସଦସ୍ୟମାନେ ଟଙ୍କା ପାଉଛନ୍ତି। ଲୋଭରେ ପରେ ସଦସ୍ୟ ହେଉଥିବା ଲୋକେ କିନ୍ତୁ ଠକାମିର ଶିକାର ହେଉଛନ୍ତ। କେତେକ ଲୋକଲଜ୍ଜାରେ ଅଭିଯୋଗ କରିପାରୁନାହାନ୍ତି। ଠକେଇ ବିଷୟରେ ଯେତେବେଳେ ପୁଲିସ ପାଖରେ ଅଭିଯୋଗ ପହଞ୍ଚୁଛି ସେତେବେଳେ ତଦନ୍ତରୁ ମଧ୍ୟ ଚାଞ୍ଚଲ୍ୟକର ତଥ୍ୟ ମିଳୁଛି। ଏବେ ଗରିବଙ୍କୁ ସାଇବର ଅପରାଧୀମାନେ ଟାର୍ଗେଟ କରୁଛନ୍ତି। ସେମାନଙ୍କର ବ୍ୟାଙ୍କ ତଥ୍ୟ ହାସଲ କରି ପ୍ରି ଆକ୍ଟିଭେଟ ସିମ ଜରିଆରେ ବ୍ୟାଙ୍କ କାରବାର କରୁଛନ୍ତି। ସେହିପରି ଅଶିକ୍ଷିତ ଓ ଅଳ୍ପଶିକ୍ଷିତଙ୍କ ପରିଚୟ ପତ୍ର ନେଇ ସେମାନଙ୍କ ନାଁରେ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଦେଉଛନ୍ତି। ଏହି ଆକାଉଣ୍ଟକୁ ଠକେଇ ଟଙ୍କା ନେଇ ପରେ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ଦେଉଛନ୍ତି। ସୋସିଆଲ ମିଡ଼ିଆ ଅଫରକୁ ସମ୍ପୂର୍ଣ୍ଣ ନା : ପାର୍ଟ ଟାଇମ ନିଯୁକ୍ତି ଅଫର ଏବେ ସାଇବର ଠକେଇର ପ୍ରମୁଖ ଉପାୟ ସାଜିଛି। ଠକେଇ ସଂସ୍ଥା ଗୁଡ଼ିକ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ମୁଖ୍ୟତଃ ମହିଳାମାନଙ୍କୁ ଜାଲରେ ଫସାଉଛନ୍ତି। ତେଣୁ ସୋସିଆଲ ମିଡ଼ିଆରେ ଆସୁଥିବା ଅଜଣା ଲୋଭନୀୟ ମେସେଜକୁ ଗ୍ରହଣ କରନ୍ତୁ ନାହିଁ। କୌଣସି ଲିଙ୍କ କ୍ଲିକ କରନ୍ତୁ ନାହିଁ। ସାଇବର ଠକେଇରୁ ରକ୍ଷା ମିଳି ପାରିବ।


ଇଂ. ପ୍ରକାଶ କୁମାର ଭୂୟାଁ

*ଟାଟା ଷ୍ଟିଲ, ମେରାମୁଣ୍ଡଳି, ଢ଼େଙ୍କାନାଳ, ଦୂରଭାଷ : ୬୩୭୦୩୩୮୩୦୪*

# ଶିଶୁ ସ୍ୱାସ୍ଥ୍ୟରେ ପୁଷ୍ଟିର ସହାୟକତା

ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଥାଏ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁବିଭାଗ ଏହି ସପ୍ତାହରେ ବିଭିନ୍ନ ସଚେତନଧର୍ମୀ ଓ ସହାୟତା ଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। କେନ୍ଦ୍ର ସରକାର ୧୯୮୨ରେ ପ୍ରଥମେ ଏହିଭଳି ସପ୍ତାହ ପାଳନ ଆରମ୍ଭ କରିଥିଲେ। ଚଳିତ ବର୍ଷର ସ୍ଲୋଗାନ ରହିଛି : 'ଆରମ୍ଭରୁ ସ୍ମାର୍ଟ ଫିଡ଼' (ଫିଡିଂ ସ୍ମାର୍ଟ ରାଇଟ ଫ୍ରମ ଷ୍ଟାଟ) ବିଶେଷକରି ପିଲାମାନଙ୍କର ଅଭିଭାବକମାନେ ଏହି ପୁଷ୍ଟି ପ୍ରସଙ୍ଗକୁ ଅଣହେଳା କରିଥାନ୍ତି। ଏକ ସୁନ୍ଦର ଶିଶୁର ସ୍ୱାସ୍ଥ୍ୟ ତା'ର ପରବର୍ତ୍ତୀ ବିକଶିତ ବୟୋବୃଦ୍ଧି ପାଇଁ ଯେ ନିତ୍ୟାନ୍ତ ଅପରିହାର୍ଯ୍ୟ ଏହାକୁ ସମସ୍ତେ ହୃଦୟଙ୍ଗମ କରିବା ଉଚିତ। କୁହାଯାଏ ଆଜିର ଶିଶୁଟି ହେଉଛି ଆସନ୍ତା କାଲିର ଭବିଷ୍ୟତ। ହେଲେ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଯଦି ଅବହେଳାର ଶିକାର ହୁଏ ତାହାଲେ ପିଲାଟି ଅନେକ ରୋଗର ଶିକାର ହେବା ସହ କେବଳ ତା'ର ଶାରୀରିକ ନୁହେଁ ମାନସିକ ଓ ବୌଦ୍ଧିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ତେବେ ଉତ୍ତମ ପୁଷ୍ଟି ପାଇଁ ଜରୁରୀ କଥା ହେଉଛି ନବଜାତ ଶିଶୁପାଇଁ ମାଆର ପ୍ରଥମ କ୍ଷୀର ବା କଷ କ୍ଷୀର ତା' ସ୍ୱାସ୍ଥ୍ୟପାଇଁ ଏକ ଦିବ୍ୟ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ସମସ୍ତ ପ୍ରକାର ପୌଷ୍ଟିକତା ରହିବା ସହ ବିଶେଷକରି ଶିଶୁପାଇଁ ଏହା ଏକ ପ୍ରକାର ଈଶ୍ୱରପ୍ରଦତ୍ତ ରୋଗ ପ୍ରତିରୋଧକ ଶକ୍ତିକାରୀ ଅମୂଲ୍ୟ ଜିନିଷଟି। ନୂଆ ଜନ୍ମ ହୋଇଥିବା ପିଲାକୁ ପ୍ରଥମ ଛଅମାସ କେବଳ ମାଆ କ୍ଷୀର ନିହାତି ଜରୁରୀ। ଶିଶୁଟି ଯେତେଥର ଚାହୁଁଛି ମାଆମାନେ ପିଲାଙ୍କୁ ସ୍ତନ୍ୟପାନ ପ୍ରଦାନ କରନ୍ତୁ। ଶିଶୁଟିର ବୟସ ଛଅମାସ ପରେ ହେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଘରୋଇ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। ତେବେ ଏହାସହିତ ଦୁଇ ବର୍ଷ ଯାଏ ପିଲାଟି ଯେପରି ମାଆ କ୍ଷୀର ପାଏ ଏ କ୍ଷେତ୍ରରେ ମାଆମାନେ ଯତ୍ନବାନ ହେବା ଜରୁରୀ। କେହି କେହି ମାଆକ୍ଷୀର ଅପେକ୍ଷା ବଜାର ପ୍ରସ୍ତୁତ ଡବା ପାଉଡର, ପ୍ରୋଟିନଯୁକ୍ତ ଖାଦ୍ୟ ଦେବାକୁ ଚାହିଁଥାନ୍ତି କିନ୍ତୁ ମନେରଖିବା କଥା ଯେ, ମାଆ କ୍ଷୀର ପରି କୌଣସି ଖାଦ୍ୟ ପଦାର୍ଥ ତୁଳନୀୟ ନୁହେଁ। ବିଶେଷକରି ମାଆମାନେ ଯତ୍ନବାନ ହେବା କଥା ଯେ ଶିଶୁଟି ଯେଉଁ ଖାଦ୍ୟ ଖାଉଛି ସେଥିରେ ସବୁଜ ଶାଗ, ତଟକା ପନିପରିବା, ଫଳ, ତେଲ, ଚିନି, ଗୁଡ଼, ବାଦାମ ଓ ଆୟୋଡ଼ିନଯୁକ୍ତ ଲୁଣ ଯେପରି ସାମିଲ ହେବ। ଓଡ଼ିଆ ଘରର ଚଳଣିରେ ଅଧିକାଂଶ ଗାଁଗଣ୍ଡାର ମାଆ ମାନେ ପିଲାଟିର ସ୍ୱାସ୍ଥ୍ୟକୁ ଯତ୍ନରେ ରଖି ନିଜ ଖାଦ୍ୟ ଓ ବିଶ୍ରାମକୁ ପଛରେ ପକାଇ ଦେଇଥାନ୍ତି ଏହା କିନ୍ତୁ ଠିକ୍ ନୁହେଁ। ଶିଶୁକୁ କ୍ଷୀର ଦେଉଥିବା ମାଆମାନେ ନିର୍ଦ୍ଦିଷ୍ଟ ସମୟର ବିଶ୍ରାମ ସହିତ ସେମାନେ ଯେପରି ପୁଷ୍ଟିକର ଖାଦ୍ୟ ଖାଇବେ ସେଥିପ୍ରତି ଯତ୍ନବାନ ନିହାତି ଜରୁରୀ କାରଣ ମାଆଟିର ସ୍ୱାସ୍ଥ୍ୟ ସୁରକ୍ଷିତ ରହିଲେ ଶିଶୁଟିର ମଧ୍ୟ ସେହିପରି ଭାବରେ ଉତ୍ତମ ଅଭିବୃଦ୍ଧି ଓ ବିକାଶ ସମ୍ଭବ ହୋଇପାରିବ। ପିଲାମାନେ ବିଶେଷକରି ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ବେଳେ ପରିପାର୍ଶ୍ୱିକ କ୍ଷେତ୍ରକୁ ଦୃଷ୍ଟି ଦେବା ଅତ୍ୟନ୍ତ ଅପରିହାର୍ଯ୍ୟ। କାରଣ ବିଭିନ୍ନ ରୋଗ ସଂକ୍ରମଣ ହେତୁ ଶରୀରରେ ପୁଷ୍ଟିକର ତତ୍ତ୍ୱର କ୍ଷତି ହୋଇଥାଏ। ଯାହାଦ୍ୱାରା ଶିଶୁଟି ବିଭିନ୍ନ ରୋଗର ସହଜ ଶିକାର ହୋଇଥାଏ। ସେହିପରି ବ୍ୟକ୍ତିଗତ ଓ ଭୋଜନଗତ ସ୍ୱଚ୍ଛତାକୁ ଧ୍ୟାନ ଦେଇ ନିଜ ପରିବେଶକୁ ସ୍ୱଚ୍ଛ ରଖିପାରିଲେ ରୋଗ ସଂକ୍ରମଣକୁ ରୋକାଯାଇପାରିବ। ବର୍ତ୍ତମାନ ପରି ସାଧାରଣତଃ ବର୍ଷା ଦିନିଆ ପରିବେଶରେ ମାଆମାନେ ପିଲାଙ୍କ ଯତ୍ନ ନେଲାବେଳେ କିଛି ଘଟଣାକୁ ଅଣଦେଖା କରିଦିଅନ୍ତି। ପିଇବା ପାଣି ବି ଯେପରି ନିଶ୍ଚିନ୍ତ ଭାବରେ ଭଲଭାବରେ ଫୁଟା ଯାଇଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପିଲାଟିକୁ ପିନ୍ଧାଉଥିବା ପୋଷାକ ଯେପରି ଭଲ ଭାବରେ ସଫା ହୋଇ ସୂର୍ଯ୍ୟକିରଣ ଦ୍ୱାରା ଶୁଖିଥିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। କେହି କେହି ପିଲାମାନଙ୍କର ଲୁଗାପଟାକୁ ଫ୍ୟାନରେ ବା ୱାସିଂମେସିନର ଗରମରେ ଶୁଖାଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏହା ଆଦୌ ଠିକ୍ ନୁହେଁ। କାରଣ ପୋଷାକରେ ଯଦି ଆର୍ଦ୍ରତା ରହିବ ପିଲାଟି ଅଣ୍ଡାଜ୍ୱରର ଶିକାର ହେବାର ସମ୍ଭାବନା ଅଛି। ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ। ବଜାରର ପନିପରିବା ଅପେକ୍ଷା ନିଜ ବାଡ଼ିର ବା ଘରୋଇ ପ୍ରସ୍ତୁତ ପରିବା ଯଥା ଅମୃତଭଣ୍ଡା, କଦଳୀ, ସଜନା ଛୁଇଁ, ଶାଗ ଦେଇପାରନ୍ତି। ଗାଜର ବିଟ ବି ଭଲ।


ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ସେହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ। ଛୋଟ ପିଲାଙ୍କୁ ଖାଇବାକୁ ଦେବାବେଳେ ଖାଦ୍ୟକୁ ଭଲ ଭାବରେ ଚକଟି ଦିଅନ୍ତୁ। ପିଲାମାନଙ୍କ ପାଇଁ ଚୁଡ଼ାରେ ପ୍ରସ୍ତୁତ ପାଉଡର ଖୁବ୍ ଭଲ। ଡାଲି ଭିତରେ ହରଡ଼ ଡାଲି, ମୁଗଡାଲି ଭଲ। ତେବେ ଡାଲି ପାଣିଟି ପିଲାମାନଙ୍କ ପାଇଁ ଖୁବ୍ ଭଲ। ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳାମାନେ ଓ ପ୍ରସୂତୀ ମାଆମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ୍ୟ ଦିଅନ୍ତୁ। ସରକାର ଲୌହସାର ଯୁକ୍ତ ବଟିକା ଓ ବିଭିନ୍ନ ପୁଷ୍ଟିକର ଅଭିବୃଦ୍ଧି ପାଇଁ ମାଗଣା ଔଷଧ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ। ପିଲାଟି ଯେପରି ଆୟୋଡ଼ିନଯୁକ୍ତ ଲୁଣ ଖାଉଥାଏ ସେ ଦିଗଟିକୁ ଦେଖନ୍ତୁ। ରୁଗ୍ଣ ଓ ଅତିଶୟ ପୁଷ୍ଟିହୀନ ଶିଶୁପାଇଁ ସଠିକ୍ ଓ ନିର୍ଦ୍ଧାରିତ ସମୟର ପୁଷ୍ଟିକର ଖାଦ୍ୟ ଓ ଅଧିକ ଯତ୍ନ ଆବଶ୍ୟକ। ପିଲାକୁ ଯେ କୌଣସି ଖାଦ୍ୟ ବା ପାନୀୟ ଦେଉଥାନ୍ତି ଶିଶୁରୋଗ ବିଶେଷଜ୍ଞଙ୍କ ମତ ନିଅନ୍ତୁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗର୍ଭବତୀ ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ଓ ଔଷଧ ପ୍ରଦାନ କରୁଛନ୍ତି। ସେଥିପାଇଁ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡ଼ିକର୍ମୀ ମାନେ ଘରେ ଘରେ ପହଞ୍ଚି ଏହି ସୁଯୋଗ ଆପଣମାନଙ୍କ ହାତ ପାହାନ୍ତାରେ ପ୍ରଦାନ କରୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାସ୍ତରୀୟ ଡାକ୍ତରଖାନା ଠାରୁ ଶିଶୁଭବନ ସବୁଠି ଶିଶୁମାନଙ୍କର ଉତ୍ତମ ପୁଷ୍ଟିଜନିତ ଚିକିତ୍ସା ପାଇଁ ଅଭିଜ୍ଞ ଓ ଅନୁଭବୀ ଶିଶୁରୋଗ ବିଶେଷଜ୍ଞ ରହିଛନ୍ତି। ସେମାନଙ୍କ ପରାମର୍ଶ ନିହାତି ନିଅନ୍ତୁ। ଗୁଣୀଟୁଣି ବା କାହାର କାନକୁହା କଥା ଶୁଣି ପିଲାଟିକୁ ଡଉଲଡାଉଲ ଓ ମୋଟା କରିଦେବା ପାଇଁ ନିଜେ କୌଣସି ଖାଦ୍ୟ ବା ଔଷଧ ଦେବା ପୂର୍ବରୁ ଶିଶୁ ବିଶେଷଜ୍ଞଙ୍କ ନିହାତି ପରାମର୍ଶ ନିଅନ୍ତୁ। ଚଳିତବର୍ଷର ଏହି ସପ୍ତାହ ପାଇଁ ରହିଥିବା ସ୍ଲୋଗାନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସମାଜର ସାମଗ୍ରୀକ ଆଗାମୀ ଭବିଷ୍ୟତର ବିକାଶ ପାଇଁ ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗ ଓ ପୁଷ୍ଟି ସାଧନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଏହାକୁ ପାଳନ କଲେ ଏହି ଜାତୀୟ ପୁଷ୍ଟି ସପ୍ତାହର ପ୍ରାସଙ୍ଗିକତାର ଗୁରୁତ୍ୱ ବଢ଼ିପାରିବ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର*

# ନଦୀର ମାନ୍ୟତା ପାଇନାହିଁ ଗୋବରୀ

ଓଡ଼ିଶାର ଲାଇଫ ଲାଇନ କୁହାଯାଉଥିବା ମହାନଦୀକୁ ନେଇ ଓଡ଼ିଶା ସହ ପଡ଼ୋଶୀ ଛତିଶଗଡ଼ ସହ ମୁହାଁମୁହିଁ ସ୍ଥିତି ଓ ମହାନଦୀର ସୁରକ୍ଷା ପାଇଁ ଅନେକ ଦାବି ପ୍ରତିବାଦ ଉଠୁଥିବାବେଳେ ଅନେକ ହୁଏତ ଜାଣିନାହାଁନ୍ତି ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାର ଲାଇଫ ଲାଇନ 'ଗୋବରୀ' ନଦୀ ଆଜି ନିଜର କେବଳ ପରିଚୟ ମାଗୁନି ସୁରକ୍ଷା ଓ ପ୍ରତିଦାନକୁ ଆଶା କରି ଏକ ପ୍ରକାର ଚୁପ୍ ହୋଇ ବସିଛି କହିଲେ ଅତ୍ୟୁକ୍ତି ହେବନାହିଁ। ନିକଟରେ ମହାନଦୀରୁ ବାହାରି ୧୧୪ କିଲୋମିଟର ଅତିକ୍ରମ କରି ବଙ୍ଗୋପସାଗରରେ ପଡ଼ିଥିବା ଏହି ନଦୀଟି କିନ୍ତୁ ସରକାରୀ ଭାବେ ନଦୀର ମାନ୍ୟତା ପାଇନି। ତେବେ ସରକାରଙ୍କ ପ୍ରଦତ୍ତ ତଥ୍ୟ ମୁତାବକ ଗୋବରୀ ନଦୀ ଯୋଗୁଁ କେବଳ ମାହାଙ୍ଗା ନୁହେଁ ପଡ଼ୋଶୀ କେନ୍ଦ୍ରାପଡ଼ା, ମହାକାଳପଡ଼ା, ତିର୍ତ୍ତୋଲ ଓ ରାଜନଗରର ଜନସାଧାରଣ ବିଶେଷକରି ଲଗାଣ ବର୍ଷାରେ ପ୍ରାୟ ୧୦ ହଜାର ହେକ୍ଟର ନିଜର ଚାଷଜମି କ୍ଷତିଗ୍ରସ୍ତକୁ ସହିଛନ୍ତି। ୨୩ଟି ପଞ୍ଚାୟତର ଶହ ଶହ ଚାଷୀ କ୍ଷତିକୁ ସାମ୍ନା କରିଥିବାବେଳେ ଚଳିତ ବିଧାନସଭାରେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଗୋବରୀକୁ ନଦୀ ମାନ୍ୟତା ଦେବା ସହ ଏହା ନଦୀର ମାନ୍ୟତା ପାଇଲେ ଗୋବରୀ ପାଣି ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ଚାଷୀମାନେ କ୍ଷତି ପୂରଣ ପାଇବାକୁ ସକ୍ଷମ ହୋଇପାରିବେ। ଏକ ଆଶ୍ଚର୍ଯ୍ୟକର କଥା ହେଉଛି ଅବିଭକ୍ତ କଟକ ଜିଲ୍ଲା ସହ ଅନ୍ୟ ଜିଲ୍ଲାର ପରିସୀମା ଭିତରେ ଏହି ନଦୀଟି ଛୋଟିଆ ହୋଇଥିଲେ ବି ଏହାକୁ ଏଯାବତ୍ ନଦୀର ମାନ୍ୟତା ମିଳିନି। ଜଳ ବହୁନେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ ପରି ବର୍ଷାରେ ବେଳେ ବେଳେ ଅଦିନିଆ ବନ୍ୟା ବିତ୍ପାତ ଦେଖାଉଥିବା ଏହି ଛୋଟ ନଦୀଟି ଖରାଦିନେ କ୍ଷୀଣ ସ୍ରୋତା ହୋଇ ପରିଶେଷରେ ଶୃଙ୍ଖଳା ପଡ଼ିଥାଏ। ବର୍ଷା ଋତୁରେ ଏହି ନଦୀଟି ବିଶେଷକରି ସାଲେପୁର, ମାହାଙ୍ଗା ସହ ଅନ୍ୟାନ୍ୟ ଆଖପାଖ ବ୍ଲକବାସୀଙ୍କ ପାଇଁ ଦୁଃଖ ଦେଇଥାଏ ଏହି ନଦୀଟି। ପ୍ରତିବର୍ଷ ଏହି ନଦୀର ବନ୍ୟାରେ ମାହାଙ୍ଗା ଓ ସାଲେପୁର ବ୍ଲକର ପାଖାପାଖି ୭୦ ଭାଗ ଚାଷ ଜମି ପ୍ରଭାବିତ ହେଉଛି। ଆଜି ପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥା ଅଭାବରୁ ଜଳ ନିଷ୍କାସନର ହୋଇପାରୁନି। ହଜାର ହଜାର ଏକ ଜମି ଜଳମଗ୍ନ ହେଉଛି ଓ ହଜାର ହଜାର କଚ୍ଚାଘର ଭାଙ୍ଗୁଛି। ପ୍ରତିବର୍ଷ କୋଟି କୋଟି ଟଙ୍କା ଡ୍ରେନେଜ ସଫେଇ, ବନ୍ଧ ଖନନ ମାଧ୍ୟମରେ ଖର୍ଚ୍ଚ ହେଉଥିବା ସରକାରୀ ତଥ୍ୟରେ ଦର୍ଶାଯାଉଥିବା ବେଳେ ପ୍ରକୃତରେ ଗୋବରୀର ପୁନଃରୁଦ୍ଧାର ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା କରାଯାଉନି। ବରଦିଆ ଠାରେ ଡ୍ରେନେଜ କଟ୍ କାମ ଆରମ୍ଭ ହୋଇଛି କିନ୍ତୁ ତା ବି ସରିପାରିନି। ସୂଚନା ଅନୁସାରେ, କଟକ ଜିଲ୍ଲା ସାଲେପୁର ବ୍ଲକର ୫/୬ଟି ପଞ୍ଚାୟତ ଓ ମାହାଙ୍ଗା ବ୍ଲକର ୧୮ଟି ପଞ୍ଚାୟତ ଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବେଶ କରିଛି ଗୋବରୀ। ଚାହାପଡ଼ା, ଜଳେଶ୍ୱରପୁର, ନୂର୍ତ୍ତାଙ୍ଗ, ମଉଦା, ଆନନ୍ଦପୁର, ଭଉଁରିଆ, ପଲ୍ଲିସାହି, ଉମର, ନାହାଙ୍ଗ, ମାହାଙ୍ଗା, ବରାହୀପୁର, ରାହାଣିଆ, କୁସୁପୁର, ଉଷୁମା, ହଳଦିଆ, ପୋଡ଼ାମରାଇ, ପାଇକରାପୁର, ଲଳିତଗିରି ପଞ୍ଚାୟତ ଦେଇ ଜାତୀୟ ରାଜପଥ ଅତିକ୍ରମ କରି ଗୋବରୀ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବେଶ କରିଛି। ଏହି ନଦୀ କୂଳରେ ଅନେକ ତୀର୍ଥସ୍ଥାନ ଓ ସ୍ମୃତି ବିଜଡ଼ିତ କ୍ଷେତ୍ର ମଧ୍ୟ ରହିଛି। ଲଳିତଗିରି ପରି ବିଶ୍ୱପ୍ରସିଦ୍ଧ ବୌଦ୍ଧକ୍ଷେତ୍ର ଓ ଓଳାଶୁଣୀ ପାହାଡ଼ ରହିବା ସହିତ ପ୍ରତିବର୍ଷ ଓଳାଶୁଣୀ ଯାତ୍ରା ମଧ୍ୟ ଆୟୋଜନ ହେଉଛି। କିନ୍ତୁ ଏସବୁ ସତ୍ତ୍ୱେ ଆଜି ଯେତେବେଳେ ଦେଶ ନିଜର ସ୍ୱାଧୀନତାର ୭୭ ବର୍ଷ ପୂରଣ କରୁଛି ସେ ସମୟରେ ଗୋବରୀ ନଦୀର ମାନ୍ୟତା ପାଇନି। ସୂଚନା ପ୍ରଯୁକ୍ତିର ବୈପ୍ଳବିକ କ୍ରାନ୍ତି ଚନ୍ଦ୍ରରେ ଲୋକମାନଙ୍କୁ ରହିବା ପାଇଁ ଜମି ବିକ୍ରି କରାଯାଉଥିବାବେଳେ ଗୋବରୀ ନଦୀ କଥା ଚିନ୍ତା କଲାବେଳକୁ ଅନେକ ଦୁଃଖ ଆସୁଛି। ଡ୍ରେନେଜ କାର୍ଡ଼ ୫୬ ସୁକ, ଗୋବରୀ ଓ ମଇଜରାକୁ ସ୍ଥାୟୀ ଖନନ, ସୁଦୃଢ଼ ବନ୍ଧ ନିର୍ମାଣ ଓ ବନ୍ଧରେ ବୃକ୍ଷରୋପଣ କରିବା ସହ ଏହାର ସ୍ଥାୟୀ ସମାଧାନ କଲେ ମାହାଙ୍ଗା ବ୍ଲକର ୭୦ ପ୍ରତିଶତ ଜନସାଧାରଣ ବନ୍ୟା ଏବଂ ମରୁଡ଼ିରୁ ରକ୍ଷା ପାଇବେ। କଥାରେ ଅଛି ବେଙ୍ଗ ମୁତିଲେ ପାଣି ସେହିପରି ବର୍ଷାଦିନେ ଅସରାଏ ବର୍ଷା ହେଲେ ହଜାର ହଜାର ହେକ୍ଟର ଜମି ଜଳମଗ୍ନ ହୋଇ ଚାଷକୁ କ୍ଷତି ପହ ଉଛି ଏବଂ ଖରାଦିନେ ପାଣି ନଦୀରେ ରହୁ ନଥିବାରୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି। ମାହାଙ୍ଗା ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାରୁ ବନ୍ୟାଜଳ ନିଷ୍କାସନ ନ ହେବା ଫଳରେ ହଜାର ହଜାର କୃଷକ କ୍ଷତି ସହୁଛନ୍ତି। ଗୋବରୀର ଜଳ ସେଚନ ବ୍ୟବସ୍ଥା କେବଳ ଧାନ, ମୁଗ, ବିରି, ଆଖୁ ପାଇଁ ନୁହେଁ ଅନେକ ପନିପରିବା ମଧ୍ୟ ଚାଷୀ ନଦୀ କୂଳରେ କରି ଦୁଇପଇସା ରୋଜଗାର କରିଥାଏ। ସେହିପରି ବ୍ୟବସ୍ଥା ଭିତରେ ବର୍ଷ ବର୍ଷ ଧରି ଅଟକି ରହିଥିବା ପାଟନାଳୀ ସମସ୍ୟାର ସ୍ଥାୟୀ ପ୍ରତିକାର ହୋଇଗଲେ ଅନେକ ସୁଫଳ ମିଳନ୍ତା। ଗୋବରୀକୁ ନେଇ ଅନେକ ସମ୍ଭାବନା ରହିଥିଲେ ବି ତାକୁ ଠିକ୍ ଭାବରେ ବ୍ୟବହାର କରାଯାଉନି। ବର୍ଷା ହେଲେ ବନ୍ୟାଜଳରେ ଉବୁଟୁବୁ ହେଉଥିବା ଗୋବରୀରେ ଅନ୍ୟ ଦିନ ମାନଙ୍କରେ ଅଣ୍ଟାଏ ପାଣି ବି ରହେନି। ଯଦି ଗୋବରୀର ପାଣିକୁ ସଠିକ୍ ନିୟନ୍ତ୍ରଣ କରାଯାଇପାରନ୍ତା ତାହେଲେ ଉଭୟ ମାହାଙ୍ଗା ଓ ସାଲେପୁର ବ୍ଲକର ହଜାର ହଜାର ହେକ୍ଟର ଚାଷ ଜମି ଜଳସେଚିତ ହୋଇପାରନ୍ତା। ଗୋବରୀକୁ ନେଇ ଆଜି ପର୍ଯ୍ୟନ୍ତ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ କିଛି କରାଯାଇ ପାରି ନଥିବାରୁ ଆଗାମୀ ଦିନରେ କେବଳ ବର୍ଷା ହେଲେ ଗୋବରୀକୁ ଚିହ୍ନି ହେବ, ନଚେତ୍ ଗୋବରୀ ଏକ ଶୁଷ୍କ ନାଳ ହୋଇ ରହିଯିବ ବୋଲି ବୁଦ୍ଧିଜିବୀ କମହଲରେ ଉଦ୍‌ବେଗ ପ୍ରକାଶ ପାଇଲାଣି। ଗୋଟିଏ ଜାତିର ଏକ ବୃତ୍ତିଗତ କ୍ଷେତ୍ର ପରିସୀମାର ଲୋକମାନଙ୍କ ଗୁଜୁରାଣ ହେଉଛି ଚାଷବାସ। ଓଡ଼ିଶା ଏକ ଚାଷୀ ପ୍ରଧାନ ରାଜ୍ୟ ହୋଇଥିବାରୁ ଚଷାପୁଅ ସ୍ୱାଭାବିକ ଭାବେ ମୁଣ୍ଡ ଛାଳ ତୁଣ୍ଡରେ ମାରି ମେହେନତି କରିଥାଏ ଦୁନିଆକୁ ଦାନା ଯୋଗାଇବା ସହ ନିଜେ ନିଜ ପରିବାରକୁ ଭରଣ ପୋଷଣ କରିବା। ତେଣୁ ଗୋବରୀ ନଦୀ ପ୍ରତି ଆନ୍ତରିକ ଉଦ୍ୟମ ଜାରି କରି ପ୍ରଶାସନ ପାଖରେ ଆବେଦନ ଜଣାଇଲେ ଏହି ନଦୀଟି ଶସ୍ୟ ଶ୍ୟାମଳାର ବହୁତ ବଡ଼ ଉପଲବ୍ଧି ଆମ ସମସ୍ତଙ୍କୁ ଦେଇପାରିବ। ଏ କ୍ଷେତ୍ରରେ ଅଭିଯୋଗ, ରାଜନୀତି ବା ପରସ୍ପର ପ୍ରତି କାଦୁଅ ଫିଙ୍ଗା ଛାଡ଼ି ସମସ୍ତେ ଏକ ମନ ଏକ ପ୍ରାଣ ହୋଇ ପ୍ରଶାସନ ପାଖରେ ଆବେଦନ ଜଣାଇଲେ ଏହା ନଦୀର ମାନ୍ୟତା ପାଇବା ସହ ଆମ ଅ ଳର ଅଭିବୃଦ୍ଧି ଓ ପ୍ରଗତିରେ ଆମ ମାନଙ୍କର ବଳିଷ୍ଠ ଅବଦାନ ମଧ୍ୟ ରହିବ। ଗଣକବି ବୈଷ୍ଣବପାଣିଙ୍କ ମୂଳକ ଭାବେ ପରିଚିତ ମାହାଙ୍ଗା କୁଆଁପାଳ ଅଞ୍ଚଳ, ପାଣିକବି ଭାବେ ପ୍ରଖ୍ୟାତ ଓ ନିଜ ଲେଖନୀରେ ଗାଁ ମାଟି ମୂଳକର ସବୁକିଛିର ବାସ୍ନାକୁ ନାଟକ ଭିତରେ ରୂପାନ୍ତରଣ କରୁଥିବା ବୈଷ୍ଣବ ପାଣି ତାଙ୍କ ଅନେକ ଲେଖନୀ ଭିତରେ ଗୋବରୀ ପ୍ରସଙ୍ଗରେ ମଧ୍ୟ ଉଲ୍ଲେଖ କରିଛନ୍ତି।


ନାଟ୍ୟସାରଥି ଅଭୟ କୁମାର ଦାସ

*ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ଓ୍ୱେବିନାର ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ







ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୂବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ଓ୍ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ଓ୍ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ଓ୍ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ,ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ଓ୍ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ଓ୍ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ,ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ଓ୍ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ଓ୍ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ଓ୍ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ ।ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ ।ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୂର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତ । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ,ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ରପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ୍ନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ବ ୧୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଟପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋଟିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଟପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ରତ୍ନପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

### ୨ କୋଭିଡ୍ ସନ୍ଦିଗ୍ଧଙ୍କ ଶବ ସଂସ୍କାର ପାଇଁ ସହାୟତା କଲା ଟିମ ହ୍ୟୁମେନିଟି

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସମ୍ପର୍ଣ୍ଣ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କିୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧୀଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଚି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା,ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେବା ମୂଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ୱାର ଅଭାବୀ ବିକ୍ରିର ଶିକାର ହେଉଛି। ପୂରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ିର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ



ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି। ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ। ତେଣୁ ସେ ଥିଲେ କ୍ରାନ୍ତିକାରୀ। ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଲିର ସାହିତ୍ୟ ଲେଖକ।

ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ। ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା। ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ। ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ। ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା। ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ। ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା।

ସ୍ୱାଧୀନତା ପରେ ମଧ୍ୟ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ। ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ। ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା। ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ। ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର।

## କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି। ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି। ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି। ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ୍ୟ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ମିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧ୍ୟାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀରେନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପବିତ୍ର ଗଜେନ୍ଦ୍ର, ରୋହିତ କୁମାର, ସଞ୍ଜୟ ପରିଡ଼ା, ପ୍ରମୋଦ କୁମାର ପତି, ଗୁରୁପଦ ନାଥ, ବାସୁଭ ଦାସ, ତନ୍ମୟ ସାମନ୍ତରାୟ, ବାବୁଲା ପରିଡ଼ା, ସ୍ନିଗ୍ଧା ମହାନ୍ତି, ରୂପଶ୍ରୀ ସାହୁ, ବର୍ଷା ଦାସ, ଇମନ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ନିରଞ୍ଜନ ସାହୁ, ରାଜକୁମାର, ସନ୍ଧ୍ୟାରାଣୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## କଂଗ୍ରେସ କର୍ମୀଙ୍କୁ ପିସିସି ସଭାପତିଙ୍କ ଧନ୍ୟବାଦ ଜ୍ଞାପନ

ରାଉରକେଲା (ପିଏନ୍): ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ତାଙ୍କର ୩ ଦିନିଆ ରାଉରକେଲା ଓ ସୁନ୍ଦରଗଡ ଗସ୍ତ ସାରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ତାଙ୍କର ଏହି ଗସ୍ତ କାଳରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ତରଫରୁ ମଧ୍ୟ ସୁନ୍ଦରଗଡରେ ଶ୍ରୀ ପଟ୍ଟନାୟକଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାଜଗାଙ୍ଗପୁରରେ ମଧ୍ୟ ଯୁବ କଂଗ୍ରେସ କର୍ମୀଙ୍କୁ ନେଇ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଉଭୟ ଜିଲ୍ଲା କଂଗ୍ରେସର କର୍ମକର୍ତ୍ତା ଓ କର୍ମୀ ତଥା ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, କଂଗ୍ରେସ ସେବାଦଳ, କଂଗ୍ରେସର ଏସ୍‌ଟି ସେଲ୍, ଏସ୍‌ସି ସେଲ୍, ଓବିସି ସେଲ୍, ସଂଖ୍ୟାଲଘୁ ସେଲ୍, ଲିଗାଲ ସେଲ୍, କିସାନ ସେଲ୍, ମତ୍ସ୍ୟଜୀବି ସେଲ୍, ଅସଙ୍ଗଠିତ ଶ୍ରମିକ ସେଲ୍, ଆଇଏନ୍‌ଟିୟୁସି ଇତ୍ୟାଦିର ସମସ୍ତ କର୍ମକର୍ତ୍ତା ଓ କର୍ମୀମାନେ ଶ୍ରୀ ପଟ୍ଟନାୟକଙ୍କୁ ଯେପରି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଅତି ସୁନ୍ଦର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋନଜ କଲେ ସେଥିପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହିସବୁ କାର୍ଯ୍ୟକ୍ରମକୁ ଯେପରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି, ପୁଲିସ୍ ପ୍ରଶାସନ ତଥା ସହରବାସୀଙ୍କ ତରଫରୁ ବିଶେଷ ସହଯୋଗ ମିଳିଲା ସେଥିପାଇଁ ସେମାନଙ୍କୁ ଶ୍ରୀ ପଟ୍ଟନାୟକ ବିଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି।

## ଶିକ୍ଷାବିତ୍ ଭଗବାନ ପଟ୍ଟନାୟକଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଶିକ୍ଷାଜିଲ୍ଲା ଜିଲ୍ଲା ସମ୍ମାନପ୍ରାପ୍ତ ଶିକ୍ଷକ ଭଗବାନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଜନ୍ମସ୍ଥାନ ବାଂକୋଇ ଠାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ବିଭିନ୍ନ ବିଷୟରେ ଗଭୀର ଜ୍ଞାନର ଅଧିକାରୀ ହୋଇ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଐତିହାସିକ ରବୀନ୍ଦ୍ରନାଥ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ହରିବନ୍ଧୁ ସାହୁ ମୁଖ୍ୟବକ୍ତା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପସଭାନେତ୍ରୀ ସଂଗୀତା ଦାଶ ସ୍ୱତଂତ୍ର ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଭୋଳ, ବାଲ୍ମୀକ ବଳିଆରସିଂହ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ଗୁଣାବଳିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ସ୍ମରଣିକା 'ଜ୍ଞାନଦୀପ୍ତ' ଉନ୍ମୋଚିତ ହୋଇଥିଲା। ଭଗବାନ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ସଂଗୀତା ଦାଶ, ଖୋର୍ଦ୍ଧାର କବୟିତ୍ରୀ ସୁବାସିନୀ ପଟ୍ଟନାୟକ, ଟାଂଗୀର ଶିକ୍ଷକନେତା ପ୍ରସନ୍ନ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ ଅତିଥଇ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କନ୍ୟା ମଂଜୁଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଦାସ, ପ୍ରାଣକୃଷ୍ଣ ପାତ୍ର, ବାସୁଦେବ ସିଂହ, ଫଂଚୁ ଭାରିମଲ୍ଲ, ଚିନ୍ତାମଣି ବିଶ୍ୱାଳ, ଡ. ବିବେକାନନ୍ଦ ସ୍ୱାଇଁ, ଗୀତାରାଣୀ ମହାପାତ୍ର ପ୍ରମୁଖ ତାଂକର ବହୁମୁଖୀ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ପୁତ୍ର ଶିଶିର କୁମାର ପଟ୍ଟନାୟକ, ଶରତ କୁମାର ପଟ୍ଟନାୟକ, ଗୀତାଂଜଳି ହରିଚନ୍ଦନ, ନିଗମ ପ୍ରସାଦ ହରିଚନ୍ଦନ, ସତ୍ୟାନନ୍ଦ ଜଗଦ୍ଦେବ, ଆଶୁତୋଷ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା ଓ ଶିଶୁ ଡେସ୍କ ଅଧିକାରୀଙ୍କ କର୍ମଶାଳା

ବାଲେଶ୍ୱର (ପିଏନ୍)- ରାଜ୍ୟ ପୁଲିସ ବିଭାଗ ଅଧୀନରେ ଥିବା ଥାନାଗୁଡ଼ିକରେ ଖୋଲିଥିବା ମହିଳା ଓ ଶିଶୁ ଡେସ୍କରେ କର୍ମରତ ପୁଲିସ କର୍ମଚାରୀମାନଙ୍କର ଦୁଇଦିନିଆ କର୍ମଶାଳା ନୋସୀ ବିଜନେସ ପାର୍କ ସମ୍ମିଳନୀରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭବେ ବିଭାଗୀୟ ଏ.ଡ଼ି.ଜି ରେଖା ଲୋହାନି, ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ରେଞ୍ଜ ଆଇ.ଜି ହିମାଂଶୁ ଲାଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଶିଶୁ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଏତଲା ଥାନାରେ ଦେବାପରେ ଡେସ୍କ ପକ୍ଷରୁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଚାଇଲ୍ଡ ଲାଇନ ଓ ୟୁନିସେଫର ବୈଷୟିକ ସହଯୋଗରେ ଆୟୋଜିତ କର୍ମଶାଳାରେ ଚାଇଲ୍ଡ ଲାଇନ ପକ୍ଷରୁ ନିଯୁକ୍ତ ରିଶୋର୍ସ ପର୍ସନ ତଥା ଟ୍ରେନର କେ. ରମେଶ, ରାଜୁ କୋଟାଇ ଏବଂ ଆରକା ଲାହା ପ୍ରମୁଖ ଭଦ୍ରକ ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରୁ ଆସିଥିବା ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଟ୍ରେନରମାନଙ୍କ ବିଭିନ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ଟ୍ରେନରମାନେ ମୁଖ୍ୟତଃ ୩୫ଟି ପ୍ରସଙ୍ଗ ଉପରେ ବୁଝାଇଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Sunday September 01 2024 | ଭୁବନେଶ୍ୱର ରବିବାର, ସେପ୍ଟେମ୍ବର ୦୧,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ବହ୍ଲର ବଙ୍ଗୁ ପଂଚାୟତ ରାସ୍ତା କାର୍ଯ୍ୟ ତୁରନ୍ତ କରିବାକୁ ସାଂସଦ ରୁଦ୍ର ପାଣିଙ୍କ ନିର୍ଦ୍ଦେଶ



ତାଳଚେର,(ପି.ଏନ): ତାଳଚେର ବ୍ଲକ ରେ ପଂଚାୟତ ମାନଙ୍କରେ ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟୟ ହୋଇ ପଡିଛି ।ବାରମ୍ବାର ଦାବୀ ଆପତ୍ତି କରିବା ସତ୍ୱେ ଶୁଣିବାକୁ କେହି ନାହିଁ ।ଶନିବାର ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଅଚାନକ ତାଳଚେର ବହ୍ଲର ଛକ ଆସି ବହ୍ଲର ବଙ୍ଗୁ ଇନ୍ଦିରା ଗାନ୍ଧି ରାସ୍ତା ର ଦ୍ୱାରବସ୍ଥା ଦେଖି ଚକିତ ହୋଇଥିଲେ ।ଉପସ୍ଥିତ ଜନସାଧାରଣ, ଅଂଚଳବାସୀ ଓ କାର୍ଯ୍ୟକର୍ତା ମାନେ ଏ ରାସ୍ତା ସମ୍ପର୍କରେ ସାଂସଦ ଙ୍କ ନିକଟରେ ଅଭିଯୋଗ କରିଥିଲେ ।ସାଂସଦ ଶ୍ରୀ ପାଣି ତୁରନ୍ତ ତାଳଚେର ବିଡ଼ିଓ ଚିନ୍ମୟୀ ଚେତନା ଦାସ ଓ ଏନଟିପିସି ଟିଟିପିଏସ ର ବରିଷ୍ଠ ଅଧିକାରୀ ଙ୍କୁ ଫୋନ କରି ଉକ୍ତ ସ୍ଥାନ କୁ ଡାକିଥିଲେ ।ଏନଟିପିସି ଓ ଅଧିକାରୀ ଓ ବିଡ଼ିଓ ଙ୍କ ସମେତ ଯନ୍ତ୍ରୀ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଘଟଣା ସ୍ଥଳ ରେ ପହଂଚି ଥିଲେ ।ସାଂସଦ ଶ୍ରୀ ପାଣି ଉପସ୍ଥିତ ଜନସାଧାରଣ ଙ୍କ ସମ୍ମୁଖରେ ସମସ୍ତ ସରକାରୀ ଅଧିକାରୀ ଙ୍କୁ ରାସ୍ତା ପରିଦର୍ଶନ କରାଇ ଉକ୍ତ ରାସ୍ତା ର ଉର୍ନ୍ନତି କରଣ କାର୍ଯ୍ୟ ତୁରନ୍ତ କରିବାକୁ ନିର୍ଦେଶ ଦେଇଥିଲେ ।ସାଂସଦ ଙ୍କର ଏଭଳି କାର୍ଯ୍ୟ କୁ ସାଧାରଣ ରେ ବହୁ ପ୍ରଶଂସା ମିଳିଥିଲା ।ପ୍ରାକ୍ତନ ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ସନ୍ଥପଡା ସରପଞ୍ଚ ସହଦେ୍ୱ ସାହୁ, ମହାଦେବ ଦାସ, ପ୍ରଦୀପ ସାମଲ ଙ୍କ ସମେତ ଶତାଧିକ ବିଜେପି କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ସାଇଁଶୋ ଶାଳେଶ୍ୱର ଡ୍ରାମାଟିକ କ୍ଲବର ପ୍ରସ୍ତୁତି ବୈଠକ

ଫୁଲନଖରା,(ପି.ଏନ): ବାରଙ୍ଗ ବ୍ଲକ ଅନ୍ତର୍ଗତ ସାଇଁଶୋ ପଞ୍ଚାୟତର ସାଇଁଶୋ ଗ୍ରାମର ଆରାଧ ଦେବୀ ମା ପୁରୁଣେଇଙ୍କ ମହୋତ୍ସବ ଉପଲକ୍ଷେ ଶାଳେଶ୍ୱର ଡ୍ରାମାଟିକ କ୍ଲବ ପକ୍ଷରୁ ନାଟକ ମଞ୍ଚସ୍ଥ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ନଭେମ୍ବର ୧୫ ତାରିଖ କାର୍ତ୍ତିକ ପୂର୍ଣ୍ଣମୀରେ ମା ପୁରୁଣେଇ ମହୋତ୍ସବ ଅନୁଷ୍ଠିତ ହେବ । ଏହି ମହୋତ୍ସବରେ ଶାଳେଶ୍ୱର ଡ୍ରାମାଟିକ କ୍ଲବ ପକ୍ଷରୁ ନଭେମ୍ବର ୧୫ ଓ ୧୬ ଦୁଇ ରାତି ତୋ ନାଁରେ ମୋ ନାଁକୁ ଦେଇଛି ଯୋଡ଼ି ଓ ଆସିଛି ଏକା ଯିବି ମୁଁ ଏକା ନାଟକ ମଞ୍ଚସ୍ଥ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ଏଥିରେ ଗ୍ରାମର ସଭାପତି ସତ୍ୟାନନ୍ଦ ପାଣି,ସଂପାଦକ ତଥା ନାଟ୍ୟ ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ବେହେରା,ନାଟ୍ୟ ପରିଚାଳକ ଅରୁଣ ବେହେରା,ନାଟ୍ୟ ନିର୍ଦ୍ଦେଶକ ବିଶ୍ୱନାଥ ଦାସ, ବରିଷ୍ଠ କଳାକାର ବାବାଜି ବେହେରା, ହୃଦାନନ୍ଦ ବେହେରା ଓ ଡ୍ରାମାଟିକ କ୍ଲବର ସମସ୍ତ କଳାକାର ଓ ସହଯୋଗୀ ଉପସ୍ଥିତ ଥିଲେ ।

## ନନ୍ କଣ୍ଟେନରାଇଜ୍ଡ କାର୍ଗୋ ପୁରସ୍କାର ହାସଲ କଲା ପାରାଦୀପ ବନ୍ଦର



ପାରାଦୀପ,(ପି.ଏନ): ନନ୍ କଣ୍ଟେନରାଇଜ୍ଡ କାର୍ଗୋ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ପାରାଦୀପ ବନ୍ଦରକୁ ୧୪ତମ ସର୍ବଭାରତୀୟ ମେରିଟାଇମ୍ ଓ ଲଜିଷ୍ଟିକ୍ସ ସମ୍ମାନ-୨୦୨୪ରେ ସମ୍ମାନୀତ କରାଯାଇଛି । ମୁମ୍ବାଇର ଜେଡବ୍ଲ୍ୟୁ ଠାରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଜବାହାରଲାଲ ନେହେରୁ ବନ୍ଦର ଅଧକ୍ଷ ଓ ଇସ୍ରାଏଲର କାଉନସିଲର ଜେନେରାଲଙ୍କଠାରୁ ବିଡିଟିପି ଚିଫ ମ୍ୟାନେଜର ରମାକାନ୍ତ ସାହୁ ଏହି ସମ୍ମାନ ଗ୍ରହଣ କରିଛନ୍ତି । ସର୍ବଭାରତୀୟସ୍ତରରେ ନୈବାଣିଜ୍ୟିକ କ୍ଷେତ୍ରରେ ସଫଳତା ହାସଲ କରିଥିବା କମ୍ପାନୀ, ବ୍ୟକ୍ତି ବିଶେଷଙ୍କୁ ସେମାନଙ୍କ ଅବଦାନ ନିମନ୍ତେ ଏକ୍ଜିମ୍ ଇଣ୍ଡିଆ ଦ୍ୱାରା ଅନୁଷ୍ଠିତ ମାଳା-୨୦୨୪ ଅଧିନରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ସମ୍ମାନ ହାସଲ କରିବା ପରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ପାରାଦୀପ ବନ୍ଦର ଟିମକୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସମ୍ମାନ ପାରାଦୀପ ବନ୍ଦରକୁ ସଫଳତାର ପାହାଚ ଚଢିବା ପାଇଁ ପ୍ରେରଣାଦାୟକ ହେବ ବୋଲି କହିଛନ୍ତି

## ଶଙ୍ଖତ୍ରାସ ଆଞ୍ଚଳିକ ପାଠାଗାରରେ ସମ୍ବର୍ଦ୍ଧନା ସଭା



ଫୁଲନଖରା,(ପି.ଏନ):ସଦର ଥାନା ଅନ୍ତର୍ଗତ ଶଙ୍କତ୍ରାସସ୍ଥିତ ଆଞ୍ଚଳିକ ପାଠାଗାର ପକ୍ଷରୁ ପାଠାଗାରର ସଭାପତି ତଥା ପୂର୍ବତନ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଶିକ୍ଷାବିତ ପ୍ରଦ୍ୟୁମ୍ନ କୁମାର ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପାଠାଗାର ସଦସ୍ୟ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜିବୀ ଉମାକାନ୍ତ ନନ୍ଦ ,ଡ଼ଃ ଅରବିନ୍ଦ ନନ୍ଦ ଯୋଗ ଦେଇ ସରକାରୀ ଚାକିରିରୁ ଅବସର ନେଇଥିବା ଶିକ୍ଷାବିତ ପ୍ରଦ୍ୟୁମ୍ନ କୁମାର ପତିଙ୍କୁ ପାଠାଗାର ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ପାଠାଗାର ସଦସ୍ୟ ପ୍ରଦୀପ କୁମାର ସାହୁ,ଧନେଶ୍ୱର ଜେନା, କୃଷ୍ଣଚନ୍ଦ୍ର ଲେଙ୍କା,କାଳନ୍ଦୀଚରଣ ଜେନା, ଲିଙ୍ଗରାଜ ଲେଙ୍କା,ବିଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ ଚୋରି ରୋକିବା ପାଇଁ ମିଟର ଡାଟା ଆନାଲିସିସ ଗ୍ରୁପ୍ (ଏମଡିଏଜି) ର ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ବିଦ୍ୟୁତ୍ ଚୋରିକୁ ରୋକିବା ପାଇଁ ନିକଟରେ ମିଟର ଡାଟା ଆନାଲିସିସ୍ ଗ୍ରୁପ୍ (ଏମଡିଏଜି) ଗଠନ କରାଯାଇଛି । ଏହି ସ୍ୱତନ୍ତ୍ର ଦଳରେ ଅଭିଜ୍ଞ କର୍ମଚାରୀ ରହିଛନ୍ତି ଯେଉଁମାନେ କମ୍ପାନୀ ଦ୍ୱାରା ବିକଶିତ ସଫ୍ଟୱେୟାର୍ ବ୍ୟବହାର କରି ଗ୍ରାହକଙ୍କ ବିଦ୍ୟୁତ ମିଟର ତଥ୍ୟକୁ ବିଶ୍ଳେଷଣ କରୁଛନ୍ତି । ଗ୍ରାହକଙ୍କ ମିଟର ର ପ୍ରାଥମିକ କାର୍ଯ୍ୟ ହେଉଛି ବିଲିଂ ଏବଂ ଶୁଳ୍କ ଆଦାୟ ଉଦ୍ଦେଶ୍ୟରେ ଉପଭୋକ୍ତା ର ବିଦ୍ୟୁତ୍ ବ୍ୟବହାର ତଥ୍ୟ କୁ ରେକର୍ଡ କରିବା । ତେବେ ମିଟରରେ ଆହୁରି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ ସଂଗ୍ରହ କରାଯାଇଥାଏ ଯାହାକୁ କେବଳ ବିଲିଂ ପାଇଁ ନୁହେଁ ବରଂ ଗ୍ରାହକ ସ୍ତରରେ ଯୋଗାଣର ଗୁଣବତ୍ତା, ବିଦ୍ୟୁତ୍ ସ୍ଥାପନର ଗୁଣବତ୍ତା, ମିଟରର ଗୁଣବତ୍ତା, ବିଦ୍ୟୁତ ଚୋରି ଏବଂ ବୈଷୟିକ କ୍ଷତି ଆକଳନ କରିବା ପାଇଁ ମଧ ବ୍ୟବହାର କରାଯାଇପାରିବ । ଏମଡିଏଜି ଗ୍ରୁପର ମୁଖ୍ୟ ଭୂମିକା ହେଉଛି ବିଦ୍ୟୁତ ଚୋରିର ସମ୍ଭାବ୍ୟ ମାମଲାଗୁଡ଼ିକୁ ଚିହ୍ନଟ କରିବା, ଯାହା ବର୍ତ୍ତମାନ କମ୍ପାନୀ ପାଇଁ ଏକ ବଡ ଚ୍ୟାଲେ । ମିଟର ଡାଟାକୁ ବିଶ୍ଳେଷଣ କରି ଏହି ଗ୍ରୁପ୍ ଲିଡ ସୃଷ୍ଟି କରିପାରିବ ଯାହା ଟିପିସିଓଡିଏଲକୁ ବିଦ୍ୟୁତ୍ ଚୋରି ବିରୋଧୀ ଚଢ଼ାଉ କରିବାରେ ସାହାଯ୍ୟ କରିବ । ଏହାର ପ୍ରଭାବରେ ମିଟର ହେରଫେର କିମ୍ବା ବେଆଇନ ସଂଯୋଗ ଭଳି ଅସାଧୁ ଅଭ୍ୟାସ ଯୋଗୁଁ ହେଉଥିବା ବାଣିଜ୍ୟିକ କ୍ଷତି ମଧ ହ୍ରାସ ପାଇବ । ଏହି ଗ୍ରୁପ୍ ଏବେ ଅଧିକ ବିଦ୍ୟୁତ ବ୍ୟବହାର କରୁଥିବା ଗ୍ରାହକଙ୍କ ତଥ୍ୟ ବିଶ୍ଳେଷଣକୁ ପ୍ରାଥମିକତା ଦେଉଥିବା ବେଳେ ଆଗାମୀ ଦିନରେ କମ୍ ବିଦ୍ୟୁତ୍ ଉପଯୋଗ କରୁଥିବା ଗ୍ରାହକଙ୍କୁ ମଧ ଏଥିରେ ସାମିଲ କରିବାକୁ ଯୋଜନା ରହିଛି । ବିଦ୍ୟୁତ ଚୋରି ଏକ ସାମାଜିକ ଆହ୍ୱାନ ଯାହା ଠିକ୍ ସମୟରେ ବିଲ ପୈଠ କରୁଥିବା ସଚ୍ଚୋଟ ଗ୍ରାହକଙ୍କ ଉପରେ ଅନୁଚିତ୍ ଆର୍ଥିକ ବୋଝ ପକାଉଛି । ଟିପିସିଓଡିଏଲ୍ ଉପଭୋକ୍ତାଙ୍କୁ ୧୯୧୨ରେ କଲ୍ କରି କିମ୍ବା ୯୪୩୭୧୫୮୬୭୦ରେ ହ୍ୱାଟ୍ସଆପ୍ ମାଧ୍ୟମରେ ବିଦ୍ୟୁତ ଚୋରି ଘଟଣା ବିଷୟରେ ଜଣାଇବାକୁ ପ୍ରୋତ୍ସାହିତ କରାଯାଉଛି । ଯେଉଁମାନେ ଏଭଳି ଘଟଣା ବିଷୟରେ ଜଣାଇବେ ସେମାନଙ୍କ ପରିଚୟ ଗୋପନ ରଖାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ ଆମେ ଆମ ଉପଭୋକ୍ତାଙ୍କୁ ବିଦ୍ୟୁତ ଚୋରି ବିଷୟରେ ଜଣାଇବାକୁ ଅନୁରୋଧ କରୁଛୁ । କାରଣ ଏହି ବେଆଇନ କାର୍ଯ୍ୟକୁ ରୋକିବାରେ ସେମାନଙ୍କ ସହଯୋଗ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହି ମିଳିତ ପ୍ରୟାସ ସଚ୍ଚୋଟ ଉପଭୋକ୍ତାଙ୍କ ଉପରେ ଆର୍ଥିକ ବୋଝକୁ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ଆମର ବିଦ୍ୟୁତ ବିତରଣର ବିଶ୍ୱସନୀୟତାକୁ ସୁଦୃଢ଼ କରିବ । ନିରପେକ୍ଷ ଏବଂ ନିର୍ଭରଯୋଗ୍ୟ ସେବା ଯୋଗାଇବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ଏବଂ ଜନସାଧାରଣଙ୍କ ସମର୍ଥନରେ ଆମେ ଏହି ଲକ୍ଷ୍ୟ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିପାରିବୁ ।'

## ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ସାପ୍ତାହିକ ସମ୍ମାନ

ଭୁବନେଶ୍ୱର,(ପି.ଏନ): ଶନିବାର ଦିନ ପୂର୍ବାହ୍ନ ୧୦.୩୦ ରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ବିଭାଗୀୟ ଶ୍ରେଣୀ ପ୍ରକୋଷ୍ଠରେ ସାପ୍ତାହିକ ପାଠଚ଼କ୍ର ଅନୁଷ୍ଠିତ ହୋଇଅଛି । ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଶ୍ରୀଯୁକ୍ତ ନାରାୟଣ ପ୍ରସାଦ ବେହେରା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ , ବିଭାଗର ସହକାରୀ ଅଧାପକ ଡଃ. ରାଧାଗୋବିନ୍ଦ କୁଇଲା ସମୀକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ । ବିଶେଷ ଉଲ୍ଲେଖନୀୟ ଯେ ଆଜି ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଓଡ଼ିଶାର ପରମାରାଧ ଦେବତା ଶ୍ରୀ ଜଗନ୍ନାଥଙ୍କର ଏକ ସ୍ଥିରଚ଼ିତ୍ର ପ୍ରତିଷ୍ଠା କରାଯାଇ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ଏହି ପାଠଚ଼କ୍ରରେ ବିଭାଗୀୟ ଛାତ୍ରୀ ସୁଶ୍ରୀ ଶୁଭଲଗ୍ନା ଜାଲି 'ଶୈବଧର୍ମ ପ୍ରଖ୍ୟାପକ ଓଡ଼ିଆ ଗ୍ରନ୍ଥ : କତିପୟ ' ଏବଂ ସୁଶ୍ରୀ ଆଲଫା ସାମଲ୍ '୧୯୮୦ ପରବର୍ତ୍ତୀ କବିତାରେ ବାମାବାଦୀ ଚେତନା ' ପ୍ରସଙ୍ଗରେ ପ୍ରବନ୍ଧ ଉପସ୍ଥାପନା କରିଥିଲେ । ପାଠଚ଼କ୍ରକୁ ସଂଚ଼ାଳନ କରିଥିଲେ ସୁଶ୍ରୀ ମଧୁସ୍ମିତା ନାୟକ । ଶୁଭଶ୍ରୀ ବିଶ୍ୱାଳ, ବବି ପ୍ରଧାନ , ମୀନାକ୍ଷୀ ନାୟକ ଏବଂ ମନୀଷା ସେଠୀ ' ଆହେ ନୀଳଶୈଳ' ପାରମ୍ପରିକ ଜଣାଣ ଗାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।ପାଠଚ଼କ୍ରର ଉପାଦେୟତା ତଥା ଆଲୋଚ଼ିତ ପ୍ରବନ୍ଧ ଗୁଡ଼ିକ ଉପରେ ସଂକ୍ଷିପ୍ତ ଦୃଷ୍ଟିକୋଣ ଉପସ୍ଥାପନା ପୂର୍ବକ ଶ୍ରୀଯୁକ୍ତ ନାରାୟଣ ପ୍ରସାଦ ବେହେରା ନିଜର ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ ।ଉଦ୍ଯାପନୀ ସଙ୍ଗୀତ ଶୁଭଶ୍ରୀ ବିଶ୍ୱାଳ ପରିବେଷଣ କରିବା ସଙ୍ଗେ ସଙ୍ଗେ ତୁଳସୀ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ଖବର ପ୍ରଶାରଣ ପରେ ପହଞ୍ଚିଲା ପ୍ରଶାସନ



ଭବାନୀପାଟଣା ,(ପି.ଏନ): ଖବର ପ୍ରଶାରଣ ପରେ ବ୍ଲକ ଓ ପଞ୍ଚାୟତ ପ୍ରଶାସନ ଦୁଇ ନାତି ସହ ରହୁଥିବା ଅସହାୟ ଧନମତୀ ହାତୀଙ୍କ ପାଖରେ ଆଜି ପହଞ୍ଚି ଥିଲା, ରେ ଧନମତୀ ହାତୀ (୮୦) ଓ ତା ଦୁଇ ନାତିର ଦୁଃଖ ଭରା କରୁଣ କାହାଣୀକୁ ନେଇ ପ୍ରଶାରିତ ହୋଇଥିଲା, ସୂଚ଼ନା ଯେ କଳାହାଣ୍ଡି ଜିଲ୍ଲା କଲମପୁର ସଦରମହକୁମା ହାଇସ୍କୁଲ ପଡ଼ାର ବୃଦ୍ଧା ଧନମତୀ ହାତୀ ୮୦ ଙ୍କ ପୁଅ ରଞ୍ଜିତ ହାତୀ ୪୮ ରାଏମତୀ ହାତୀଙ୍କୁ ବିବାହ କରିଥିଲେ, ସେମାନଙ୍କ ଔରସରୁ ରମେଶ ହାତୀ ୧୧ ଓ ଚ଼ନ୍ଦନ ହାତୀ ୭ ଜନ୍ମିତ ହୋଇଥିଲେ, ଦୁଇଟି ପୁଅ ଯାତ କଲାପରେ ଛୋଟ ଛୋଟ ଦୁଇଟି ପୁଅକୁ ଛାଡି ରାଏମତୀ ହାତୀ ପରପୁରୁଷ ସହିତ କୁଆଡ଼େ ଚ଼ାଲିଗଲା, ଛୋଟ ଛୋଟ ଦୁଇଟି ପୁଅକୁ ଧରି ରଞ୍ଜିତ ହାତୀ କୌଣସି ପ୍ରକାରେ ପରିବାର ପ୍ରତିପୋଷଣ କରି ଆସୁଥିଲା, ଏଭଳି ସମୟରେ ରଞ୍ଜିତକୁ କିଡନୀ ରୋଗ ଗ୍ରାସ କରିଥିଲା, ଜମି ବାଡ଼ି ବୋଲି କିଛି ନାହି, ମିସ୍ତ୍ରୀ କାମକରି ସେ ପେଟ ପୋଷୁଥିଲା, ଉଚ୍ଚ ଚ଼ିକିତ୍ସା ପାଇଁ ସେ ସାମର୍ଥ୍ୟ ହେଲାନାହିଁ,ତାର ଦୁଃଖ ଦେଖି କିଛି ବଦାନ୍ୟ ବ୍ୟକ୍ତି ସହାୟତା କଲେ,ସେ ଭୁବନେଶ୍ୱର ଯାଇ ଚ଼ିକିତ୍ସିତ ହୋଇ ଫେରିଆସିଥିଲା, ପୁଣି ଆଉ ଥରେ ଗଲା ହେଲେ ସେଠାରେ ହିଁ ତାର ଦେହାନ୍ତ ହୋଇଥିଲା, ଲୋକଙ୍କ ସହାୟତାରେ ଶବଦାହ ହେଲା, ହରିଶ୍ଚନ୍ଦ୍ର ଯୋଜନାରୁ କଲମପୁର ପଞ୍ଚାୟତ ତିନି ହଜାର ଟଙ୍କା ଯୋଗାଇ ଦେଲେ,ଦଶାହ କାର୍ଯ୍ୟକୁ ନେଇ ଏବେ ଧନମତୀ ଚ଼ିନ୍ତିତ ରହିଛନ୍ତି, ରମେଶ ଓ ଚ଼ନ୍ଦନ ଦୁଇଟି ନାତି ଏବେ ୮୦ ବର୍ଷିୟା ବୃଦ୍ଧା ଆଇ ଉପରେ ନିର୍ଭରଶୀଳ, ପଞ୍ଚାୟତରୁ ଚ଼ାଉଳ କାର୍ଡ ଓ ଧନମତୀର ବାର୍ଦ୍ଧକ୍ୟ ଭତ୍ତା ହେଉଛି ସେମାନଙ୍କ ଶେଷ ସାହା ଭରସା,ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ତିନି ପ୍ରାଣୀ ମାଟି କାନ୍ଥ ଘରେ ରହୁଥିବା ବେଳେ ଘର ମଧ ବିପଦ ସଂକୂଳ ଅବସ୍ଥାରେ ରହିଛି,ଛପର ଖସି ଘର ଭିତରୁ ଆକାଶ ଦେଖାଯାଉଥିବା ବେଳେ ଜୀବନକୁ ବାଜି ଲଗାଇ ଏହି ତିନି ପ୍ରାଣି ରହି ଆସୁଛନ୍ତି,ପାଖ ପଡିଶା ଲୋକେ ଯାହା କିଛି ଖାଦ୍ୟ ଦେଉଛନ୍ତି ସେଥିରେ ସେମାନେ କୌଣସି ପ୍ରକାରେ ଚ଼ଳୁଛନ୍ତି,ଆଇକୁ ବାତ୍ସଲ୍ୟ ମମତା ଏମିତି ଛନ୍ଦିଛି ଯେ ସେ ନାତି ମାନଙ୍କୁ ଜିବନ ଜିଇଁ ଥିବା ପର୍ଯ୍ୟନ୍ତ ପୋଷିବି କାହାକୁ ଦେବି ନାହିଁ ବୋଲି କହିଛନ୍ତି,ଖବର ପ୍ରଶାରଣ ପରେ ଆଜି କଲମପୁର ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି, ସାମାଜିକ ସୁରକ୍ଷା ଅଧିକାରେଣୀ ଶ୍ରୀମତୀ ମେହେର, ପଞ୍ଚାୟତ କର୍ମଚ଼ାରୀ ଧନମତୀ ହାତୀଙ୍କ ଘରକୁ ଯାଇ ସମବେଦନା ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ, ଏଥିସହିତ ଦୁଇଟି ନାତିଙ୍କ ବ୍ୟାଙ୍କ ପାଶବହି ପ୍ରସ୍ତୁତ ହେବା ପରେ ସେମାନଙ୍କୁ ମାସିକ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray